

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୧ ଡିସେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 21 DECEMBER 2023

Vol.No. 34 ■ No. 334■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଆଉ ରହିବନି ଆଇପିସି, ସିଆରପିସି : ସଂସଦରେ ୩ ବିଲ ପାସ୍

ନୂଆଦିଲ୍ଲୀ, ୨୦/୧୨ : ବ୍ରିଟିଶ ଶାସନ ସମୟରୁ ପ୍ରଚଳିତ ଭାରତୀୟ ଅପରାଧିକ ଆଇନରେ ହୋଇଛି ପରିବର୍ତ୍ତନ। ଏଣିକି ଆଉ ରହିବନି ଆଇପିସି, ସିଆରପିସି ଓ ଆଇଇଏ। ଏବେ ଅପରାଧ ପାଇଁ ଭାରତୀୟ ନ୍ୟାୟ ସଂହିତା ବଳରେ ଦଣ୍ଡବିଧାନ କରାଯିବ। କାରଣ ରାଜ୍ୟସଭା ପରେ ଲୋକସଭାରେ ପାରିତ ହୋଇଛି ଭାରତୀୟ ନ୍ୟାୟ ସଂହିତା ବିଲ୍। ରାଷ୍ଟ୍ରପତି ମୋହର ମାରିବା କ୍ଷଣି ଏହା ଆଇନରେ ପରିବର୍ତ୍ତନ ହେବ। ଭାରତ ସରକାର ବ୍ରିଟିଶ ଅମଳର ଆଇନକୁ ବଦଳାଇବା ପାଇଁ ମୋଟ ୩ଟି ବିଲ୍ ଆଣିଥିଲେ। ୧୮୬୦ ମସିହାକୁ ପ୍ରଚଳିତ ଆଇପିସି ବଦଳରେ ଏବେ ଭାରତୀୟ ନ୍ୟାୟ ସଂହିତା ଲାଗୁ ହେବ। ସେହିପରି ସିଆରପିସି ବଦଳରେ ଭାରତୀୟ ନାଗରିକ ସୁରକ୍ଷା ଓ ଭାରତୀୟ ପ୍ରମାଣ ଆଇନ ୧୮୭୨ (ଆଇଇଏ) ବଦଳରେ ଭାରତୀୟ ସାକ୍ଷ୍ୟ ଆଇନ ଲାଗୁ କରାଯିବ। ଆଜି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏହାକୁ ଆଜି ଲୋକସଭାରେ ଉପସ୍ଥାପନ କରିଥିଲେ। ଏହାପରେ ସେ ବିଲ୍‌ରେ ଥିବା ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ତଥ୍ୟ ଦେଇଥିଲେ। ବିରୋଧୀ ଦଳର ଅଧିକାଂଶ ସାଂସଦ ନିଲମ୍ବିତ ହୋଇଥିବାରୁ ଲୋକସଭା ପୂରା ଖାଲି ପଡ଼ିଥିଲା। ଏହାରି ଭିତରେ ଅମିତ ଶାହ ୩ ବିଲ୍ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଏଥିସହ ୩ ବିଲ୍‌କୁ ବିନା ବିରୋଧରେ ପାସ୍ ମଧ୍ୟ କରାଇଥିଲେ। ପ୍ରଥମେ ସେ ଆଇପିସିରେ ହୋଇଥିବା ପରବର୍ତ୍ତନ ସମ୍ପର୍କରେ ମତ ରଖିଥିଲେ। ବିଚ୍ଛିନ୍ନତାବାଦୀ କାର୍ଯ୍ୟ କଳାପ, ଅସ୍ତ୍ର ସହ ବିଦ୍ରୋହ, ବିପଦଜନକ ଗତିବିଧି ଓ ଭାରତର ସାର୍ବଭୌମତ୍ୱ, ଏକତା ଓ ଅଖଣ୍ଡତା ବିରୋଧୀ କାର୍ଯ୍ୟକଳାପ ପାଇଁ ବିଲରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପୂର୍ବରୁ ଆଇପିସିରେ ଥିବା ଦେଶଦ୍ରୋହ ଆଇନକୁ ବଦଳାଇ ଦିଆଯାଇଛି। ପ୍ରସ୍ତାବିତ ଆଇନରେ ଦେଶଦ୍ରୋହର ଶବ୍ଦ ନାହିଁ। ଏହି ଶ୍ରେଣୀରେ ଆସୁଥିବା ଅପରାଧକୁ ଧାରା ୧୫୦ ଅଧୀନରେ ବିଚାର କରାଯିବ। ଯଦି କେହି ଜାଣିଶୁଣି ଭାରତର ଅଖଣ୍ଡତା ଓ ସାର୍ବଭୌମତ୍ୱକୁ ନିଜର ଶବ୍ଦ, ଆଚରଣ, ବୈଦ୍ୟୁତ ଯୋଗାଯୋଗ ଦ୍ୱାରା କ୍ଷତି ପହଞ୍ଚାଇବ କିମ୍ବା ଏଥିପାଇଁ ପାଣ୍ଠି ଯୋଗାଣ କରିବ, ତା'ହେଲେ ସେମାନଙ୍କୁ ଆଜୀବନ ଜେଲଦଣ୍ଡ କିମ୍ବା ଜେଲ ଦଣ୍ଡ ଯାହା ୭ ବର୍ଷ ଯାଏ ବଢ଼ିବ ଓ ଜୋରିମାନା ଲାଗୁ କରାଯିବ। ବିଲ୍‌ରେ ଭିଡ଼ ହିଂସା ବା ମବ ଲିଚିଂ ପାଇଁ ମୃତ୍ୟୁ ଦଣ୍ଡର ବ୍ୟବସ୍ଥା କରାଯାଇଛି। ଗଣଦୁଷ୍କର୍ମ ପାଇଁ ୨୦ ବର୍ଷ ଜେଲ ଓ ନାବାଳିକା ଦୁଷ୍କର୍ମ ଘଟଣା ପାଇଁ ମୃତ୍ୟୁଦଣ୍ଡର ବ୍ୟବସ୍ଥା ହୋଇଛି। ନୂଆ ବିଲ୍‌ରେ ମହିଳା, ଛୋଟ ପିଲା, ହତ୍ୟା ଓ ଦେଶ ବିରୋଧୀ କାର୍ଯ୍ୟକଳାପକୁ ରୋକିବାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ପ୍ରଥମଥର ପାଇଁ ଛୋଟ ମୋଟ ଅପରାଧ ▶▶ପୃଷ୍ଠା ୭

ବୁଖାରୀ ଥିଲା ହନିଟ୍ରାପ୍ ମାଷ୍ଟର: ଯୁବତୀଙ୍କ ମାଧ୍ୟମରେ କରାଉଥିଲା ନ୍ୟୁଡ୍ କଲ

ନୂଆଦିଲ୍ଲୀ, ୨୦/୧୨ : ସନ୍ଦିଗ୍ଧ କଶ୍ମୀରୀ ଆତଙ୍କୀ ସୟିଦ ଇଶାନ ବୁଖାରୀ ଥିଲା ହନିଟ୍ରାପ୍ ମାଷ୍ଟର ! ନିଜର ଏକ ସ୍ୱତନ୍ତ୍ର ଆପ୍ ବନେଇଥିଲା। ବହୁ ଯୁବତୀଙ୍କ ଜରିଆରେ ନ୍ୟୁଡ୍ କଲ୍ କରାଇ ବଡ଼ ବଡ଼ିଆଙ୍କଠୁ ଆଦାୟ କରୁଥିଲା କୋଟି କୋଟି ଟଙ୍କା। ବୁଖାରୀକୁ ରିମାଣ୍ଡରେ ନେଇ ଜେରା ବେଳେ କ୍ରାଇବ୍ରାଞ୍ଚ ଏସଟିଏଫ୍ ଓ ଆଇବି ଅଧିକାରୀଙ୍କ ହାତରେ ଲାଗିଛି ଏମିତି ସାଂଘାତିକ ତଥ୍ୟ। ଆପ୍ ଜରିଆରେ ଯୁବତୀମାନେ ବାଛି ବାଛି ପ୍ରଭାବଶାଳୀଙ୍କୁ ନ୍ୟୁଡ୍ କଲ୍ କରୁଥିଲେ। ଆଉ ଏଥିରେ ଫସୁଥିବା ବ୍ୟକ୍ତିଙ୍କୁ ପରେ ବ୍ଲାକ୍‌ମେଲ୍ କରି ଲୁଟି ଚାଲୁଥିଲେ। ଏଥିପାଇଁ ବୁଖାରୀ ନାଁରେ ଥିବା ୯ଟି ବ୍ୟାଙ୍କ ଆକାଉଣ୍ଟରେ କୋଟି କୋଟି ଟଙ୍କା ଟ୍ରାନଜାକ୍ସନର ତଥ୍ୟ ପାଇଛି ଏସଟିଏଫ୍। ତେବେ ବୁଖାରୀର ଏଇ ହନିଟ୍ରାପରେ କେଉଁମାନେ ଶିକାର ହୋଇଛନ୍ତି ? ଦେଶର ସୁରକ୍ଷା ସମ୍ବନ୍ଧିତ ତଥ୍ୟ ପାଇବା ପାଇଁ ହନିଟ୍ରାପକୁ ମାଧ୍ୟମ କରିଛି କି ବୁଖାରୀ ? ପୂର୍ବରୁ ବାଲେଶ୍ୱର କ୍ଷେପଣାସ୍ତ୍ର ଘାଟିରୁ ଏକାଧିକ କର୍ମଚାରୀ ପାକିସ୍ତାନୀ ଯୁବତୀଙ୍କ ହନିଟ୍ରାପରେ ଫସିଥିଲେ। ▶▶ପୃଷ୍ଠା ୭

ଭେଣ୍ଡିଂ ଜୋନରେ ଅଗ୍ନିକାଣ୍ଡ ଘଟି ଜଳିଗଲା ୧୧ ଦୋକାନ

ଭୁବନେଶ୍ୱର, ୨୦/୧୨ (ନି.ପ୍ର): ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ଗେଟ୍ ସମ୍ମୁଖରେ ଥିବା ଏକ ଭେଣ୍ଡିଂ ଜୋନରେ ଗତକାଲି ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ପ୍ରାୟ ୧୧ ଟି ଦୋକାନ ଜଳି ପୋଡି ଯାଇଛି। ଜଳିଯାଇଥିବା ଦୋକାନ ମଧ୍ୟରେ ପରିବା, ଜଳଖିଆ, ପାନ ଓ ପୂଜାସାମଗ୍ରୀ ଆଦି ଦୋକାନ ରହିଥିଲା। ଖବର ପାଇ ଅଗ୍ନିଶମ ବାହିନୀ ପହଂଚି ନିଆଁକୁ ଆୟତ କରିଛନ୍ତି। ସକାଳେ ବିଏମସି ମେୟର ସୁଲୋଚନା ଦାସ ଘଟଣାସ୍ଥଳରେ ପହଂଚିଥିଲେ। ସୂଚନା ଅନୁଯାୟୀ ଗତକାଲି ବିଳମ୍ବିତ ରାତିରେ ଭେଣ୍ଡିଂ ଜୋନରେ ଥିବା ଏକ ଦୋକାନରେ ନିଆଁ ଲାଗିଯାଇଥିଲା। ପରେ ଗୋଟିଏ ପରେ ଗୋଟିଏ ଦୋକାନକୁ ନିଆଁ ବ୍ୟାପିଯାଇ ଥିଲା। ନିଆଁର ପ୍ରକୋପ ଏତେ ଭୟଙ୍କର ଥିଲା ଯେ ଦୋକାନରୁ ସାମଗ୍ରୀ ବାହାର କରିବା କଷ୍ଟକର ହୋଇପଡିଥିଲା। ଅଧିକ ଧୂଆଁ ବାହାରିବା କାରଣରୁ ଅଗ୍ନିଶମ ବାହିନୀକୁ ନିଆଁ ଲିଭାଇବାକୁ କଷ୍ଟକର ହୋଇଥିଲା।ନିଆଁଲାଗି ଲକ୍ଷାଧିକ ଟଙ୍କାର ସମ୍ପତି ପୋଡି ପାଉଁଶ ହୋଇଯାଇଛି। ଦୀର୍ଘ ସମୟ ପରେ ଅଗ୍ନିଶମ ବାହିନୀ ନିଆଁକୁ ଆୟତ କରିଥିଲେ। ତେବେ ଦୋକାନରେ ଥିବା ଜିନିଷ ପତ୍ର ନଷ୍ଟ ହୋଇଯାଇଥିଲା। ଦୋକାନରେ କିପରି ନିଆଁ ଲାଗିଲା ତାର କାରଣ ଜଣାପଡ଼ି ନାହିଁ। ସର୍ଟସର୍କିଟରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି।

କବି ଆଶୁତୋଷ ପରିଡ଼ା ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

ଭୁବନେଶ୍ୱର, ୨୦ /୧୨ (ନି.ପ୍ର): ବିଶିଷ୍ଟ କବି ଆଶୁତୋଷ ପରିଡ଼ା ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର। ତାଙ୍କ କବିତା ସଙ୍କଳନ 'ଅପ୍ରସ୍ତୁତ ମୃତ୍ୟୁ' ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ବୁଧବାର ଏହି ଘୋଷଣା କରାଯାଇଛି। କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଆଜି ୨୦୨୩ ବର୍ଷ ପାଇଁ ୨୪ଟି ଭାରତୀୟ ଭାଷା ପାଇଁ ଏହି ପରୁସ୍କାର ଘୋଷଣା କରାଯାଇଛି। ଓଡ଼ିଆ ଭାଷାରେ କବି ଆଶୁତୋଷ ପରିଡ଼ା ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ୧୯୪୬ରେ କେନ୍ଦ୍ରାପଡ଼ାରେ ଜନ୍ମ ହୋଇଥିଲେ ଆଶୁତୋଷ ପରିଡ଼ା। ସେ ରାଉରକେଲା ଆରଇସି (ବର୍ତ୍ତମାନର ନିଟ୍)ରୁ ଇଞ୍ଜିନିୟରିଂରେ ▶▶ପୃଷ୍ଠା ୭

୬ ନୁହେଁ, ରାଉରକେଲାରେ ଝାଡ଼ାବାନ୍ତି ମୃତ୍ୟୁ ସଂଖ୍ୟା ୧୩ରେ ପହଞ୍ଚିଲାଣି !

ରାଉରକେଲା, ୨୦/୧୨ (ନି.ପ୍ର): ସ୍ମାର୍ଟ ସିଟି ରାଉରକେଲାର ସ୍ୱାସ୍ଥ୍ୟ ଅବସ୍ଥା ବେହାଲ୍। ବ୍ୟାପୀ ଚାଲିଛି ଝାଡ଼ାବାନ୍ତି। ଗୋଟିଏ ପଡ଼ାରୁ ଅନ୍ୟ ପଡ଼ାକୁ ଡେଇଁଛି ଝାଡ଼ାବାନ୍ତି। ଯେଉଁଥିରେ ଗଲାଣି ସରକାରୀ ଭାବେ ୬ ଜଣଙ୍କ ପ୍ରାଣ। ହେଲେ ବେସରକାରୀ ଭାବେ ୧୩ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭୀୟଙ୍କୁ ଚିଠି ଲେଖି ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି। ରାଉରକେଲାର ଛେଣ୍ଡ କଲୋନୀଠୁ ଆରମ୍ଭ କରି ସିଭିଲ୍ ଟାଉନସିପ୍, ପାନପୋଷରୁ କୋଏଲ ନଗର; ଏବେ ସବୁଠି ସ୍ଥିତି ଗମ୍ଭୀର। ଝାଡ଼ାବାନ୍ତିରେ ସରକାରୀ ଭାବେ ପାନପୋଷର ଗ୍ଲାସନ ସାମନ୍ତ(୩୮), ଉଦିତନଗର ନାନ୍ୱି ଦୁବେ(୭୫) ଓ ଅହଲ୍ୟା ନାଏକ(୭୦) ତରକେରାର ଫୁଲ ଟୋଲି ଗୌଡ (୨୩), ସେକ୍ଟର -୨୧ର ସରୋଜିନୀ ଖଣ୍ଡାୟତ(୪୯) ଏବଂ ବନ୍ଧମୁଣ୍ଡା ତିଲକା ନଗରର ଅଞ୍ଜଳି(୮)ଙ୍କ ମୃତ୍ୟୁ ହୋଇଛି। ଏମାନଙ୍କ ମୃତ୍ୟୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ହୋଇଥିଲା। ମିଳିଥିବା ବିଶେଷ ସୂଚନା ଅନୁସାରେ ରାଉରକେଲା ▶▶ପୃଷ୍ଠା ୭

ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ: ୧୦ ହଜାର ଟଙ୍କା ଜରିମାନା

କଟକ , ୨୦/୧୨ (ନି.ପ୍ର): ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ ଓ ଜରିମାନା କରିଛନ୍ତି କଟକ ସ୍ୱତନ୍ତ୍ର ପୋକ୍ସୋ ଆଡ଼ାହକ କୋର୍ଟ। ୨୦୨୦ ନଭେମ୍ବର ୨ ତାରିଖରେ ଘଟିଥିଲା ଏହି ଲୋମଟଙ୍କୁରା ଘଟଣା। କଟକ ଜିଲ୍ଲା ଖୁଣ୍ଟୁଣି ଥାନା ଅଞ୍ଚଳର ଜଣେ ନାବାଳିକାକୁ ମନ୍ଦିରରୁ ଅପହରଣ ହୋଇଥିଲେ। ଝିଅ ଘରକୁ ନଫେରିବାରୁ ପରିବାର ଲୋକ ଚାରିଆଡ଼େ ଖୋଜିଥିଲେ। ହେଲେ ଝିଅର ଖୋଜ ଖବର ପାଇନଥିଲେ। ସବୁଆଡୁ ନିରାଶ ହେବା ପରେ ପରିବାର ଲୋକ ଏନେଇ ଖୁଣ୍ଟୁଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନାବାଳିକାକୁ ପାକୁଲୁ ସମର୍ଦ୍ଧ ଅପହରଣ କରିଥିବା ଏଫ୍‌ଆଇଆରରେ ଦର୍ଶାଇ ଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ମାମଲାର ତଦନ୍ତ ଚଳାଇଥିଲା। ଅଭିଯୁକ୍ତଙ୍କ ମୋବାଇଲ ଟ୍ରାକ କରି ପୁଲିସ ମୟୂରଭଞ୍ଜରୁ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା। ଏଥି ସହ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଜି ଏଇ ମାମଲାର ▶▶ପୃଷ୍ଠା ୭

କରୋନାର ଜେଏନ.୧ ଭାରିଏଣ୍ଟରେ ଆକ୍ରାନ୍ତ ହେଲେ ୨୧ ଜଣ

ନୂଆଦିଲ୍ଲୀ, ୨୦/୧୨ : ମହାମାରୀ କରୋନାର ନୂଆ ସବ ଭାରିଏଣ୍ଟ ଏବେ ସମସ୍ତଙ୍କ ଛାତିରେ ଛନକା ସୃଷ୍ଟି କରିଛି। କାରଣ ଦ୍ରୁତଗତିରେ ସଂକ୍ରମଣ କରିବାର କ୍ଷମତା ରଖିଥିବା ଜେଏନ. ୧ ଭାରିଏଣ୍ଟ ୨୧ ଜଣଙ୍କ ଶରୀରରୁ ଠାବ ହୋଇଛି। ଗୋଆ, କେରଳ ଓ ମହାରାଷ୍ଟ୍ରରେ ଏହି ଭାରିଏଣ୍ଟରେ ମୋଟ ୨୧ ଜଣ ଏଯାଏ ଆକ୍ରାନ୍ତ ହେଲେଣି। ଲ୍ୟାବ ଟେଷ୍ଟରୁ ସମସ୍ତେ ଜେଏନ ୧ରେ ଆକ୍ରାନ୍ତ ହୋଇଥିବା ସ୍ପଷ୍ଟ ହୋଇଛି। ମିଳିଥିବା ସୂଚନା ଅନୁସାରେ, ଗୋଆରେ ସର୍ବାଧିକ ୧୯ ଜଣ କୋଭିଡ ସବ ଭାରିଏଣ୍ଟ ଜେଏନ ୧ରେ ସଂକ୍ରିମତ ହୋଇଛନ୍ତି। ସେହିପରି କେରଳ ଓ ମହାରାଷ୍ଟ୍ରରେ ଜଣେ ଲେଖାଏ ବ୍ୟକ୍ତିଙ୍କ ନମୁନାରୁ ଏହା ଠାବ ହୋଇଛି। ପୂର୍ବରୁ ଭୟ ସୃଷ୍ଟି କରିଥିବା ଓମିକ୍ରନର ବଂଶଧର ହେଉଛି ଜେଏନ ୧। ଏହା ଓମିକ୍ରନ ଠାରୁ ମଧ୍ୟ ଦ୍ରୁତଗତିରେ ଜଣଙ୍କ ପାଖରୁ ଆଉ ଜଣଙ୍କ ପାଖରେ ପହଞ୍ଚିବାର କ୍ଷମତା ରଖିଛି। ବେଶ କିଛି ସପ୍ତାହ ହେଲାଣି ଏହା ବ୍ୟାପୁଥିବାରୁ ସମସ୍ତେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଜେଏନ ୧କୁ ସ୍ୱତନ୍ତ୍ର ଭାରିଏଣ୍ଟ ▶▶ପୃଷ୍ଠା ୭

ଅମଲାଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ସ୍ଥଗିତ: ସରକାରଙ୍କୁ ୧୦ ଦିନ ମହଲତ

ଭୁବନେଶ୍ୱର, ୨୦/୧୨ (ନି.ପ୍ର): ଗ୍ରେଡ ପେ' ୪୨ ଶହକୁ ବୃଦ୍ଧି ଦାବିରେ ଆଜିଠୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଥିବା ରାଜ୍ୟବ୍ୟାପୀ ଅମଲାଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ସ୍ଥଗିତ ରହିଛି। ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ଆନ୍ଦୋଳନ ସ୍ଥଗିତ ରଖିଥିବା ନେଇ ସୂଚନା ମିଳିଛି । ୧୦ ଦିନ ମଧ୍ୟରେ ଦାବି ପୂରଣ ଲାଗି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ସ୍ଥଗିତ ରହିଛି। ଏନେଇ ମିଳିତ ଅମଲା ମଞ୍ଚର ଆବାହକ ଚିତ୍ତରଞ୍ଜନ ତରାସିଆ ସୂଚନା ଦେଇଛନ୍ତି। ଆଜିଠୁ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଥିଲେ ୩୦ ହଜାର ଅମଲା। ଗ୍ରେଡ ପେ' ୪୨ ଶହକୁ ବୃଦ୍ଧି ଦାବିରେ ଅନିର୍ଦ୍ଦିଷ୍ଟ କାଳ ଯାଏଁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବାକୁ ରାଜ୍ୟ ସରକାରଙ୍କ ୩୨ଟି ବିଭାଗର ଅମଲା ଚେତାବନୀ ଦେଇଥିଲେ । ଏହା ପୂର୍ବରୁ ଜୁନ ମାସରେ ମଧ୍ୟ ୧୬ଦିନ ଧରି ଆନ୍ଦୋଳନ କରିଥିଲେ ଅମଲା। ସେତେବେଳେ ରାଜ୍ୟ ସରକାରଙ୍କଠୁ ଦାବି ପୂରଣର ପ୍ରତିଶ୍ରୁତି ପାଇ ଓହରିଥିଲେ। ▶▶ପୃଷ୍ଠା ୭

ଲୋକସଭାର ଆଜି ୨ ସାଂସଦ ସସପେଣ୍ଡ

ନୂଆଦିଲ୍ଲୀନୂଆଦିଲ୍ଲୀ, ୨୦/୧୨ : ବୁଧବାର ଦିନ ବିଶୃଙ୍ଖଳିତ ଆଚରଣ ପାଇଁ ୨ଜଣ ବିରୋଧୀ ସାଂସଦଙ୍କୁ ଲୋକସଭାରୁ ନିଲମ୍ବନ କରାଯାଇଛି । ଏହାକୁ ମିଶାଇ ସଂସଦର ଦୁଇଟି ଗୃହରୁ ସସପେଣ୍ଡ ସଦସ୍ୟଙ୍କ ସଂଖ୍ୟା ୧୪୩ ଛୁଇଁଛି। ଲୋକସଭାରୁ ନିଲମ୍ବନ ଦୁଇ ସଦସ୍ୟ ଥୋମାସ ଚାଜିକାଦାନ ଓ ଏଏମ ଆରିଫ ।

ଏଠାରେ ସୂଚନାଯୋଗ୍ୟ, ମଙ୍ଗଳବାର ଲୋକସଭାରୁ ୪୯ଜଣ ସାଂସଦଙ୍କୁ ନିଲମ୍ବନ କରାଯାଇଥିବା ବେଳେ ଗତ ସପ୍ତାହରେ ଗୁରୁବାରରୁ ଏବେ ସୁଦ୍ଧା ୯୭ ସାଂସଦଙ୍କୁ ଲୋକସଭାରୁ ୪୬ ସାଂସଦଙ୍କୁ ରାଜ୍ୟସଭାରୁ ନିଲମ୍ବନ କରାଯାଇଛି ।

ମୋଦିଙ୍କ ବିପକ୍ଷରେ ପ୍ରାର୍ଥୀ ହେବେ ପ୍ରିୟଙ୍କା

ନୂଆଦିଲ୍ଲୀ, ୨୦/୧୨ : ୨୦୨୪ ଲୋକସଭା ନିର୍ବାଚନରେ ବାରାଣସୀ ଆସନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିପକ୍ଷରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧି ଭଦ୍ରାଙ୍କୁ ପ୍ରାର୍ଥୀ କରିବାକୁ ପ୍ରସ୍ତାବ ଦେଇଛନ୍ତି ତୃଣମୂଳ କଂଗ୍ରେସ ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ଗତକାଲି ଦିଲ୍ଲୀରେ ବସିଥିବା ଇଣ୍ଡିଆ ମେଣ୍ଟର ଚତୁର୍ଥ ବୈଠକରେ ମମତା ଏହି ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି। ଇଣ୍ଡିଆ ମେଣ୍ଟ ପକ୍ଷରୁ ପ୍ରିୟଙ୍କାଙ୍କୁ ପ୍ରାର୍ଥୀ କରିବାକୁ ସେ କହିଥିବା ଜଣାପଡ଼ିଛି। କିଛି ଜାତୀୟ ଗଣମାଧ୍ୟମରେ ଏନେଇ ରିପୋର୍ଟ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ବୈଠକ ପରେ ମମତା ବାନାର୍ଜୀ ଗଣମାଧ୍ୟମ ସମ୍ମୁଖରେ ଏ ବିଷୟରେ କିଛି କହି ନଥିଲେ। ସେ କହିଥିଲେ, ବୈଠକରେ ଆଲୋଚନା ହୋଇଥିବା ସମସ୍ତ ପ୍ରସଙ୍ଗକୁ ଆମେ ବାହାରେ ପ୍ରକାଶ କରିପାରିବୁ ନାହିଁ। ସେହିପରି ଆସନ୍ତା ଲୋକସଭା ନିର୍ବାଚନ ପାଇଁ ଚଳିତ ଡିସେମ୍ବର ୩୧ ତାରିଖ ସୁଦ୍ଧା ଆସନ ଭାଗବଣ୍ଟା ସୂତ୍ର ଚୂଡ଼ାନ୍ତ କରିବାକୁ ବୈଠକରେ ମମତା ପ୍ରସ୍ତାବ ଦେଇଥିଲେ ବୋଲି ଜଣାପଡ଼ିଛି। ଆସନ ଭାଗବଣ୍ଟା ନେଇ ରାଜ୍ୟ ସ୍ତରରେ ଡିସେମ୍ବର ସୁଦ୍ଧା କାମ ଶେଷ କରିବାକୁ ବୈଠକରେ ସହମତି ପ୍ରକାଶ ପାଇଥିବା ଜଣାପଡ଼ିଛି। ସେହିପରି ଆସନ୍ତା ଜାନୁଆରୀ ଦ୍ୱିତୀୟ ସପ୍ତାହରେ ଦଳୀୟ ନେତୃତ୍ୱ ସ୍ତରରେ ଏହି କାମ ଶେଷ କରିବାକୁ ସହମତି ପ୍ରକାଶ ପାଇଥିବା ସୂଚନା ମିଳିଛି।

ପନ୍ନୁକୁ ହତ୍ୟା ପାଇଁ ଷଡ଼ଯନ୍ତ୍ର ଅଭିଯୋଗ: ନୀରବତା ଭାଙ୍ଗିଲେ ପ୍ରଧାନମନ୍ତ୍ରୀ ମୋଦି

ନୂଆଦିଲ୍ଲୀ, ୨୦/୧୨ : ଖଲିସ୍ତାନୀ ଆତଙ୍କବାଦୀ ଗୁରପତୱନ୍ତ ସିଂହ ପନ୍ନୁକୁ ଆମେରିକାରେ ହତ୍ୟା ପାଇଁ ହୋଇଥିବା ଷଡ଼ଯନ୍ତ୍ର ପଛରେ ଭାରତର ହାତ ଥିବା ଅଭିଯୋଗ ହୋଇଛି। ଆମେରିକା ଏପରି ଅଭିଯୋଗ ଆଣିବା ସହ ଭାରତ ସରକାରଙ୍କୁ ମଧ୍ୟ ଜଣାଇଥିଲା। ଏବେ ଏହି ଘଟଣା ଉପରେ ପ୍ରଥମଥର ପାଇଁ ମୁହଁ ଖୋଲିଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ୱାଶିଂଟନ ଦେଇଥିବା ବା ଦେବାକୁ ଥିବା ସମସ୍ତ ପ୍ରମାଣକୁ ଭାରତ ସରକାର ଭଲ ଭାବେ ଯାଞ୍ଚ କରିବେ ବୋଲି ମୋଦି କହିଛନ୍ତି। ଗୋଟିଏ ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଏମିତି କିଛି ଘଟଣା ଭାରତ ଓ ଆମେରିକା ମଧ୍ୟରେ ଥିବା ସମ୍ପର୍କକୁ ପ୍ରଭାବିତ କରିପାରିବ ନାହିଁ। ଭାରତ ସବୁବେଳେ ପ

ବର୍ଷା ପରଠାରୁ ଗୋଳିଆ ପାଣି: ଅସନ୍ତୋଷ ଝାଡ଼ିଲେ ବସ୍ତିବାସୀ

ରାଉରକେଲା, ୨୦/୧୨ (ନି.ପ୍ର): ସ୍ମାର୍ଟ ସିଟିରେ ଡାଇରିଆ ସଂକ୍ରମଣ ବ୍ୟାପିବାର ଆଜି ନବମ ଦିନରେ ପହଞ୍ଚିଛି । ତେବେ ସଂକ୍ରମଣ କମିବାର ନାଁ ନେଉନି। ଏବେବି ପ୍ରତିଦିନ ରୋଗୀ ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ୍) ସମେତ ଅନ୍ୟ ବେସରକାରୀ ଡାକ୍ତରଖାନାରେ ଭର୍ତ୍ତି ହେଉଛନ୍ତି। ଅପରପକ୍ଷରେ ପାଣି ପାଇଁ ଯେ ସଂକ୍ରମଣ ଅଣାୟତ୍ତ ହୋଇଛି, ତାହା ସ୍ପଷ୍ଟ ହେଲାଣି । ବାସ୍ତବରେ ସଂକ୍ରମଣ ଆରମ୍ଭ ହେବା ଦିନଠାରୁ ଆବଶ୍ୟକ ଦୃଷ୍ଟି ଦେଇ ବ୍ୟାପକ ପ୍ରତିଷେଧାତ୍ମକ ପଦକ୍ଷେପ ନିଆନଯିବା ହିଁ; ଅନିୟନ୍ତ୍ରିତ ହେବାର ମୁଖ୍ୟ କାରଣ ପାଲଟିଛି । ବାସ୍ତବରେ ବାତ୍ୟା ଜନିତ ଅଦିନିଆ ବର୍ଷା ହେବା ପରଠାରୁ ବିଭିନ୍ନ ଅଞ୍ଚଳରେ ଗୋଳିଆ, ଅଳିଆଆବର୍ଜନା ତଥା ଦୁର୍ଗନ୍ଧଯୁକ୍ତ ପାଣି ଯୋଗାଣ ହୋଇଥିଲା । ଡିସେମ୍ବର ପ୍ରଥମ ସପ୍ତାହରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବାତ୍ୟା ଜନିତ ବର୍ଷା ହୋଇଥିଲା । ଏହି କ୍ରମରେ ସହରରେ ଲଗାତାର ତିନିଦିନ ବର୍ଷା ହୋଇଥିଲା । ଡିସେମ୍ବର ୬ ତାରିଖରେ ୨ ମିଲିମିଟର ବର୍ଷା ହୋଇଥିବାବେଳେ ୭ ତାରିଖରେ ୩.୨ ମିଲିମିଟର ବର୍ଷା ଓ ୮ ତାରିଖରେ ୨.୯ ମିଲିମିଟର ବର୍ଷା ହୋଇଥିଲା । ଲଗାଣ ତିନିଦିନ ବର୍ଷାପରେ, ଅର୍ଥାତ୍ ୯ ତାରିଖରେ ବିଭିନ୍ନ ଅଞ୍ଚଳରେ ପାଇପ୍ ଯୋଗେ ଦୂଷିତ ପାଣି ଆସିଥିଲା । ଏମିତିକି ୱାଟ୍‌କୋ ପକ୍ଷରୁ ଯୋଗାଣ ହେଉଥିବା ପାଇପ୍ ପାଣି ବ୍ୟବହାରଯୋଗ୍ୟ ବି ନଥିଲା । ସମ୍ଭବତଃ ବିଭିନ୍ନ ସ୍ଥାନରେ ପାଇପ୍ ଫାଟିବାରୁ ସେଥିରେ ଅଳିଆଆବର୍ଜନଯୁକ୍ତ ପାଣି ମିଶିବା, ତଥା ଡ୍ରେନ୍ ଉପରେ ଓ ଭିତରେ ଯାଇଥିବା ପାଣିରେ କର୍ଦ୍ଦମାଯୁକ୍ତ ପାଣି ମିଶିବା ଯୋଗୁଁ ପାଇପ୍ ଯୋଗେ ଦୂଷିତ ପାଣି ଯୋଗାଣ ହୋଇଥିଲା । ଜନସାଧାରଣ ଉକ୍ତ ପାନୀୟ ଜଳକୁ ପିଇବା ବଦଳରେ ଶୌଚ, ଗାଧେଇବାରେ ବ୍ୟବହାର କରିଥିଲେ । ବ୍ୟକ୍ତିଗତଭାବେ ପାଣି ବେପାରିଙ୍କଠାରୁ କିଣିଥିବା ପାଣି ତଥା ନଳକୂପ ପାଣିକୁ ପିଇ ଚଳୁଥିଲେ । ବିଶେଷକରି ଗୋପବନ୍ଧୁପାଲି, ଟିମ୍ବରକଲୋନି ଓ ଆଖପାଖ ବସ୍ତିର ଲୋକେ ପାଣି ବ୍ୟବସାୟୀଙ୍କଠାରୁ ମାସିକ ୩ ଶହ ଟଙ୍କା ଦେଇ କିଣୁଥିବା ପାଣିକୁ ବ୍ୟବହାର କରିଥିବା ସୂଚନା ଦେଇଛନ୍ତି । ତେବେ ଆର୍ଥିକ ଅନଟନରେ ଗତି କରୁଥିବା ଶତାଧିକ ପରିବାର କିନ୍ତୁ ଦୂଷିତ ପାଣିକୁ ଅନିଚ୍ଛାସତ୍ତ୍ୱେ ବ୍ୟବହାର କରିଥିଲେ । ଉକ୍ତ ପାଣିକୁ ପିଇ ପରିବାର ସଦସ୍ୟଙ୍କ ପେଟ ବ୍ୟଥା ସହ ଝାଡ଼ାବାନ୍ତି ବି ହୋଇଥିଲା । ତେବେ ପାଣି ଯୋଗୁଁ ରୋଗାଗ୍ରସ୍ତ ହୋଇଥିବା ନେଇ ଜାଣି ବି ପାରିନଥିଲେ । କେବଳ ଏହି ଦୁଇ ବସ୍ତି ନୁହେଁ; ବରଂ ଛେଣ୍ଡ, ବାସନ୍ତୀକଲୋନି, କଳିଙ୍ଗବିହାର, ପାନପୋଷ, ଉଦିତନଗର, ରେଲୱେ କଲୋନି, ଇନ୍ଦିରାନଗର ବସ୍ତି, ବିବେକାନନ୍ଦ ବସ୍ତି, ବଙ୍ଗାଳିପଡ଼ା, ମହାବୀର ବସ୍ତି, ମଧୁସୂଦନପାଲି, ଆନନ୍ଦଧାମ ବସ୍ତି, ଅମରନାଥ ବସ୍ତି, ସୁନାର ବସ୍ତି, ମାଲଗୋଦାମ, ଓରାମପଡ଼ା, ବାଲୁଘାଟ ଆଦି ବିଭିନ୍ନ ଅଞ୍ଚଳରେ ସମାନ ସ୍ଥିତି ଦେଖିବାକୁ ମିଳିଥିଲା । ସହରର ୩୬ଟି ସ୍ଥାନରେ ପାଣି ପାଇପ୍ ଫାଟିଥିଲା । ଅବଶ୍ୟ, ଏହି ପାଇପ୍‌କୁ ଏବେ ମରାମତି କରାଯାଇଥିବାବେଳେ ଏଥର ବିଶୁଦ୍ଧ ପାଣି ଯୋଗାଣ ଆଶା ସଞ୍ଚାର ହୋଇଛି । ତେବେ ଏପର୍ଯ୍ୟନ୍ତ ଦୂଷିତ ପାଣିପାଇବାରୁ ବଞ୍ଚିତ ବସ୍ତିବାସୀଙ୍କ ମନରେ ସମ୍ଭାବ୍ୟ ଡାଇରିଆ ସଂକ୍ରମଣ ଆଶଙ୍କା ଦୂର ହୋଇନି ।

ମାଇନିଂ କପ୍ ଉଦ୍ଘାଟିତ: ଫାଇନାଲ୍‌ରେ ନିଖିଲ ଅଜୟ ଦଳ

ବଲାଣି, ୨୦/୧୨ (ନି.ପ୍ର): ଖେଳ ପ୍ରେମୀ ଓ ବଲାଣି ବିକାଶ ପରିଷଦ ଆନୁକୂଲ୍ୟରେ ମାଇନିଂ କପ୍ ଦ୍ୱିତୀୟ ସ୍ଥାନୀୟ ଫୁଟବଲ ପଡ଼ିଆ ଠାରେ ମଙ୍ଗଳବାର ଉଦଘାଟିତ ହୋଇଯାଇଛି । ପ୍ରତିଯୋଗିତାରେ ରାଜ୍ୟ ତଥା ରାଜ୍ୟ ବାହାରର ମୋଟ ୧୬ ଟି ଦଳ ଭାଗ ନେଇଛନ୍ତି । ପ୍ରଥମ ଦିବସରେ ଏ - ବିଭାଗର ୭ ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ସେମିଫାଇନାଲରେ କୁକୁ ଏଫସି ଓ ନିଖିଲ ଅଜୟ ଦଳ ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ କୌଣସି ଗୋଲ କରିବାରେ ସକ୍ଷମ ହୋଇପାରିନଥିଲେ । ଖେଳ ଟ୍ରାଇବ୍ରେକର ରେ ସମାପ୍ତ ହୋଇଥିବା ବେଳେ ଅଜୟ ନିଖିଲ ଦଳର ଗୋଲକିପର ରବିଙ୍କର ଚିତାକର୍ଷକ ପ୍ରଦର୍ଶନ ଫଳରେ ବିଜୟୀ ଦଳ ୩-୦ ଗୋଳରେ ବିଜୟ ଲାଭ କରି ଫାଇନାଲକୁ ପ୍ରବେଶ କରିଥିଲେ । ଉଦ୍ଘାଟନ ଉତ୍ସବରେ ବଲାଣି ଖଣିର ମୁଖ୍ୟ ମହାପ୍ରବନ୍ଧକ ଜୟଦେବ ଚଟୋପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ହୋଇ ପ୍ରତିଯୋଗିତାକୁ ବିଧିବଦ୍ଧ ଭାବେ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ବୁଦ୍ଧଦେବ ନାଏକ, ସ୍ୱପନ ବିଶ୍ୱାସ, ଉମେଶ ପ୍ରସାଦ, ସଞ୍ଜୟ ଦେଓ, ଦୀପକ ଦୁବେ, ହେମନ୍ତ ବର୍ମା, ବରିଷ୍ଠ ନାଗରିକ ତାରିନିସେନ ବାନାର୍ଜୀ ଓ ସାମାଜିକ ସଂଗଠନ ବସୁନ୍ଧରା ର ନିର୍ଦ୍ଦେଶକ୍ ତ୍ରିକାନନ୍ଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ବଲାଣି ଖେଳ ପ୍ରେମୀ ତଥା ବଲାଣି ବିକାଶ ପରିଷଦର ସମସ୍ତ ସଦସ୍ୟ ଏହି ଖେଳରେ ସହଯୋଗ କରିଥିଲେ ।

ରେଳ ଉପଭୋକ୍ତ ସଂଘର ଦାବି ରଖିଲେ ସରକାର

ବଲାଙ୍ଗୀର, ୨୦/୧୨ (ନି.ପ୍ର): ବଲାଙ୍ଗୀର ରେଲ ଉପଭୋକ୍ତା ସଂଘ ବିଭିନ୍ନ ସମୟରେ ବିଭିନ୍ନ ଦାବି ବାରମ୍ବାର ଉପସ୍ଥାପନ କରିଆସୁଛି । ସମୟ ଆସିଛି ସରକାର ଧିରେ ଧିରେ ପୁରଣ କରୁଛନ୍ତି । କିଛି ଦିନ ତଳେ ସମ୍ବଲପୁର- ବନାରସ ଟ୍ରେନ ବଲାଙ୍ଗିର ଦେଇ ବିଶାଖାପାଟଣାମ୍ ଦେଇ ସଂପ୍ରସାରିତ ହେଲା । ଆଜି ସୋନପୁର ପର୍ଯ୍ୟନ୍ତ ଟ୍ରାକ୍, ଇଲେକ୍ଟ୍ରି ଓ ସିଗ୍‌ନାଲ ଉପରେ ଟ୍ରାଏଲ ଟ୍ରେନର ପରୀକ୍ଷଣ ହୋଇଥିବାରୁ ସଂଘ ତରଫରୁ ପ୍ରଧାନମନ୍ତ୍ରୀଙ୍କ ସହ ସ୍ଥାନୀୟ ନେତୃବୃନ୍ଦ ଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ସଂଘର ସଭାପତି ପ୍ରଫେସର ତରୁଣ କୁମାର ମିଶ୍ର ସୋନପୁର ବଲାଙ୍ଗୀର ଦେଇ ଆସିବାକୁ ଥିବା ଟ୍ରେନକୁ ରାୟପୁର କିମ୍ବା ଭୁବନେଶ୍ୱର ପର୍ଯ୍ୟନ୍ତ ଚଳାଇବା ପାଇଁ ଦାବି ରଖିଛନ୍ତି । ତାହା ସହ ବଲାଙ୍ଗୀର ଷ୍ଟେସନରେ ତୁରନ୍ତ ଲିଫ୍ଟ କାମକୁ ତ୍ୱରାନ୍ୱିତ କରିବା ସହ ଆଉ ଏକ ଟ୍ରେନ ବଲାଙ୍ଗୀର ଦିଲ୍ଲୀ ବା ପ୍ରୟାଗରାଜ ଯିବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଅନୁରୋଧ ରଖିଛନ୍ତି ।

ସର୍ଟ ରେଞ୍ଜକୁ ଉଦ୍‌ଘାଟନ କଲେ କୋରାପୁଟ ଜିଲ୍ଲାପାଳ

ଜୟପୁର, ୨୦/୧୨ (ନି.ପ୍ର): ଜୟପୁର ସ୍ଥିତ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟ ପରିସରରେ ଏନସିସିର ସର୍ଟ ରେଞ୍ଜ ଆଜି ଉଦଘାଟିତ ହୋଇଛି । କୋରାପୁଟ ଜିଲାପାଳ ଅବଦୁଲ ମହମ୍ମଦ ଆକ୍ତର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଛନ୍ତି । ଏଠାରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଓଏସଡି ପ୍ରଫେସର ଦେବି ପ୍ରସାଦ ମିଶ୍ର, କଣ୍ଟଲ ନବିନ ପରାସର, କୁଳ ସଚିବ ଗୋପାଳ ହାଲଦାର, ଏଏନଓ ଲଷ୍ଟ ପାତ୍ର, କମାଣ୍ଡେଣ୍ଟ ଜନ ଏକ୍କା ଉପସ୍ଥିତ ଥିଲେ । ରାୟଗଡା, ମାଲକାନଗିରି ଓ କୋରାପୁଟ ଜିଲାର ଏନସିସି କ୍ୟାଡେଟ ମାନଙ୍କୁ ଏଠାରେ କ୍ୟାମ୍ପ ପଡିଲେ ଫାଇରିଙ୍ଗ କରିବା ସହ ପ୍ରଶିକ୍ଷଣ ମଧ୍ୟ ନେଇ ପାରିବେ ବୋଲି ଜଣାଯାଇଛି । ଏଠାକାର ଏନସିସି କ୍ୟାଡେଟ କୁ ବନ୍ଧୁକ ଚାଳନା ପ୍ରଶିକ୍ଷଣ ପାଇଁ କୋରାପୁଟ ଯିବାକୁ ପଡୁଥିବା ବେଳେ ସର୍ଟ ରେଞ୍ଜ ଉଦଘାଟନ ହେବା ଦ୍ୱାରା ଫାଇରିଙ୍ଗ ଶିଖିବା ସହ ପ୍ରଶିକ୍ଷଣ ଏଠାରେ ନେଇପାରିବେ ।

ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି ପାଇଁ କର୍ମଶାଳା

ବଲାଙ୍ଗିର, ୨୦/୧୨ (ନି.ପ୍ର): ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ଆନୁକୂଲ୍ୟରେ ଜିଲ୍ଲାପାଳ ବଲାଙ୍ଗିରଙ୍କ କାର୍ଯ୍ୟାଳୟର ସଭା ଗୃହଠାରେ ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଲମ୍ବୋଦର ଧରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବଲାଙ୍ଗିର ସୁଶାନ୍ତ କୁମାର ସିଂହ ଯୋଗଦାନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଧରୁଆ ବିପର୍ଯ୍ୟୟ ପ୍ରଶମନରେ ଗୋଷ୍ଠିର ଭୂମିକା ଓ ଯୁବ ସମାଜ କିଭଳି ଭାବରେ ବିପର୍ଯ୍ୟୟକୁ ହ୍ରାସ କରିପାରିବେ ସେହି ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ, ବଲାଙ୍ଗିର ତୃଣମୂଳ ସ୍ତରରେ ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନାର ଆବଶ୍ୟକତା ଉପରେ ବୁଝାଇଥିଲେ । ଜିଲ୍ଲା ଜରୁରୀ ଅଧିକାରିଣୀ ଶ୍ରୀମତୀ ସସ୍ମିତା ପ୍ରଧାନ କର୍ମଶାଳାକୁ ପରିଚାଳନା କରିଥିଲେ । ଏହି କର୍ମଶାଳାରେ ବିପର୍ଯ୍ୟୟର ମୂଲ୍ୟାଙ୍କନ, ପରିସ୍ଥିତି ବିଶ୍ଳେଷଣ, ପ୍ରାରମ୍ଭିକ ଚେତାବନୀ ପ୍ରଣାଳୀ, ସ୍ଥାନାନ୍ତର ପ୍ରକ୍ରିୟା ଏବଂ ଗୋଷ୍ଠୀର ଯୋଗଦାନ କୌଶଳ ଉପରେ ଆଲୋଚନା କରାଯାଇଥିଲା । ଜିଲ୍ଲା ବିପର୍ଯ୍ୟୟ କ୍ଷୟକ୍ଷତି ହ୍ରାସ ପରାମର୍ଶଦାତା ଶ୍ରୀ ବିକାଶ ରଞ୍ଜନ କର ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ । ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ୨୫୦ ଗୋଟି ଗ୍ରାମକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା ।

ଓଡିଶା-ଆସାମ ସମ୍ପର୍କ ହେବ ସୁଦୃଢ

ପୁରୀ, ୨୦/୧୨ (ନି.ପ୍ର): ଅତିବଡ଼ି ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଓ ଆସାମର ଆସାମ ଭାଗବତ, ଓଡ଼ିଶାର ଭାଗବତ ଟୁଙ୍ଗୀ ଓ ଆସାମର ନାମଙ୍କ ମଧ୍ୟରେ ରହିଛି ଅପୂର୍ବ ଐକ୍ୟ ଓ ସମ୍ପନ୍ନୟ । ଓଡ଼ିଶାର ଆରାଧ୍ୟ ଦେବତା ହେଉଛନ୍ତି ଶ୍ରୀଜଗନ୍ନାଥ ଏବଂ ଆସାମର ଶ୍ରୀ କୃଷ୍ଣ ।ଆସାମର କାମାକ୍ଷା ପୀଠ ସହିତ ପୁରୀର ବିମଳା ପୀଠର ଅପୂର୍ବ ସଂଯୋଗ ରହିଛି ।ଭାଷା, ଖାଦ୍ୟ ଓ ଚଳଣୀରେ ଉଭୟ ରାଜ୍ୟ ର ରହିଛି ସାମ୍ୟ ଓ ସମ୍ପନ୍ନୟ । ତେଣୁ ଏହି ଦୁଇ ରାଜ୍ୟ ମଧ୍ୟରେ ଭାଷା, ସାହିତ୍ୟ ଓ ସଂସ୍କୃତିର ସହାବସ୍ଥାନ ତଥା ସଂପ୍ରସାରଣ ପାଇଁ ଆଗକୁ ଆସିଛନ୍ତି ଓଡ଼ିଶାର କୁମାର କବି ଫାଉଣ୍ଡେସନ ଏବଂ ଆସାମର କୁଟୁମ୍ବ ସୁରକ୍ଷା ପରିଷଦ । ଆଗାମୀ ଦିନରେ ଆସାମର ରାଜଧାନୀ ଗୌହାଟିରେ ହେବ ଜାତୀୟ ସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ।ଭାବନାରେ ପରିବର୍ତ୍ତନ ହେଲେ ମହା ଭାରତୀୟ ସଂସ୍କୃତି କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବା ସମ୍ଭବ ବୋଲି ଏଠାରେ ଆୟୋଜିତ ଓଡ଼ିଶା ଆସାମ ସମ୍ପର୍କ କର୍ମଶାଳାରେ ବିଶିଷ୍ଟ ବ୍ୟକ୍ତିବିଶେଷ ମତ ରଖିଛନ୍ତି । ପୁରୀ ବଡ଼ଦାଣ୍ଡ ସ୍ଥିତ ଭକ୍ତ ସାଲବେଗ ପୀଠରେ କୁମାର କବି ଫାଉଣ୍ଡେସନ ଓ କୁଟୁମ୍ବ ସୁରକ୍ଷା ପରିଷଦ ର ମିଳିତ ଆୟୋଜନ କ୍ରମେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । ଏଥିରେ କୁମାର କବି ଫାଉଣ୍ଡେସନ ର ସଭାପତି ଅଧ୍ୟାପକ ବସନ୍ତ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ । ସମାରୋହକୁ ଆସାମର ବିଶିଷ୍ଟ ଆଧ୍ୟାତ୍ମିକ ଗୁରୁ ତଥା କୁଟୁମ୍ବ ସୁରକ୍ଷା ପରିଷଦର ସଭାପତି ସତ୍ୟରଞ୍ଜନ ବୋରା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍ଘାଟନ କରିଥିଲେ । ସେ କହିଥିଲେ ଯେ, ଜାତି, ଧର୍ମ ନିର୍ବିଶେଷରେ ସମସ୍ତେ ସମାନ । ପରସ୍ପର ପ୍ରତି ସମ୍ମାନ ପ୍ରଦର୍ଶନ, ବିପଦରେ ଅନ୍ୟ କୁ ସାହାଯ୍ୟ ଓ ରାଷ୍ଟ୍ର ପ୍ରତି ଅନୁରକ୍ତି ଦେଶକୁ ଗୋଟିଏ କୁଟୁମ୍ବରେ ପରିଣତ କରିବାକୁ ସମର୍ଥ ହେବ । ଏହି କୁଟୁମ୍ବର ସୁରକ୍ଷା ଆମ ସମସ୍ତଙ୍କ ସାମୁହିକ ଦାୟିତ୍ୱ ଓ କର୍ତବ୍ୟ । ପ୍ରାରମ୍ଭରେ ଫାଉଣ୍ଡେସନ ସମ୍ପାଦକ ଆଇନଜୀବୀ ଦିଗମ୍ବର ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆସାମର ବିଶିଷ୍ଟ ସଂଗୀତଜ୍ଞ ଅମିୟ ନିୟୋଗ କଲିତା, ପ୍ରଫେସର ରାଧା ଦେବୀ, ପ୍ରଫେସର ଅଶୋକ କୁମାର ଦାଶ, କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ ସାହିତ୍ୟ ପୁରସ୍କାର ପ୍ରାପ୍ତ ଶିଶୁ ସାହିତ୍ୟିକ ବୀରେନ୍ଦ୍ର କୁମାର ମହାନ୍ତି ,କବି ମାନସ ରଞ୍ଜନ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସେମାନେ କହିଥିଲେ ଯେ କୁମାର କବି ଅରକ୍ଷିତ ପ୍ରଧାନ ଥିଲେ ଆସାମ ଏବଂ ଓଡ଼ିଶା ରାଜ୍ୟ ମଧ୍ୟରେ ସାଂସ୍କୃତିକ ଦୂତ । ଏକ ସରଣୀୟା ଧର୍ମର ପ୍ରବର୍ତକ ଶ୍ରୀମନ୍ତ ଶଙ୍କର ଦେବଙ୍କ ଆସାମ ଭାଗବତ କୁ ସେ ଓଡ଼ିଆରେ ଅନୁବାଦ କରିଥିଲେ । ପୁନଶ୍ଚ ଶଙ୍କର ଦେବଙ୍କ ଉରେଷା ବର୍ଣ୍ଣନ ପୁସ୍ତକ ରଚନା କରିଥିଲେ । ସେ ସମଗ୍ର ଆସାମ ରାଜ୍ୟ ରେ ଅହମିୟା ଭାଷାରେ ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ଆସାମ ସଂସ୍କୃତି ଉପରେ ଭାଷଣ ଦେଇ ହଜାର ହଜାର ଶ୍ରୋତା ଙ୍କୁ ମନ୍ତ୍ରମୁଗ୍ଧ କରି ପକାଉଥିଲେ ।ଆସାମ ସରକାର ତାଙ୍କୁ ଆଜୀବନ ରାଜ୍ୟ ଅତିଥି ମାନ୍ୟତା ଦେଇଥିଲେ ଏବଂ ଏହି ସମ୍ମାନ ପାଇବାରେ ସେ ଥିଲେ ଏକମାତ୍ର ଓଡ଼ିଆ । ତେଣୁ ଆସାମ ରାଜ୍ୟ ରେ ତାଙ୍କ ସମ୍ମାନାର୍ଥେ ଏକ ଜାତୀୟ ସ୍ତରୀୟ ସାଂସ୍କୃତିକ ଓ ସାହିତ୍ୟ ସଭା ଆୟୋଜନ କରିବା ପାଇଁ ସଭାରେ ସହମତି ପ୍ରକାଶ ପାଇଛି । କୁଟୁମ୍ବ ସୁରକ୍ଷା ପରିଷଦ ର ଓଡ଼ିଶା ଶାଖା ପାଇଁ ଏକ ଷ୍ଟିଅରିଂ କମିଟି ଗଠନ କରାଯାଇଛି ।ଏହି କମିଟିରେ ରାଜ୍ୟ ଆବାହକ ଭାବେ କୁମାର କବିଙ୍କ ପୁତ୍ର ଆଲୋକ କୁମାର ପ୍ରଧାନ ଙ୍କୁ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଛି । ସହ ଆବାହକ ଭାବେ କବି ଉମାକାନ୍ତ ମହାପାତ୍ର, ସମାଜସେବୀ ପ୍ରଜ୍ଞା ପରିମିତା ପଟ୍ଟନାୟକ ଏବଂ ଦେବଦତ ମିଶ୍ର ରହିଛନ୍ତି । କମିଟିର ସଦସ୍ୟ ରୂପେ ଶ୍ୟାମପ୍ରକାଶ ସେନାପତି, ଦିଗମ୍ବର ବେହେରା, ସାହିତ୍ୟିକ ବିପିନ ବିହାରୀ ଦଳାଇ, ଆଇନଜୀବୀ ଅନୀଲ କୁମାର ଦଳାଇ, ସୁଶାନ୍ତ କୁମାର ଜେନା, ସୁଶାନ୍ତ କୁମାର ପ୍ରଧାନ, ପ୍ରଶାନ୍ତ କୁମାର ତ୍ରିପାଠୀ, ଲଲାଟେନ୍ଦୁ ମହାନ୍ତି, ସସ୍ମିତା ମିଶ୍ର, ବନମାଳୀ ଜେନା, ଅଧ୍ୟାପକ ଡକ୍ଟର ପ୍ରମୋଦ କୁମାର ଆଚାର୍ଯ୍ୟ, ଉଷାରାଣୀ ମିଶ୍ର ପ୍ରମୁଖ ରହିଛନ୍ତି । ପ୍ରାରମ୍ଭ ରେ ସତ୍ୟରଞ୍ଜନ ବୋରାଙ୍କୁ ଓଡ଼ିଶା ସଂସ୍କୃତି ସମ୍ମାନ, ପ୍ରଫେସର ରାଧା ଦେବୀ ଓ ଅମିୟ ନିୟୋଗ କୁଲିତାଙ୍କୁ ଶ୍ରୀ ଜଗନ୍ନାଥ ସଂସ୍କୃତି ସମ୍ମାନ ରେ କୁମାର କବି ଫାଉଣ୍ଡେସନ ତରଫରୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ତରୁଣ କବି ଦାମୋଦର ପରିଡ଼ା, ଗବେଷକ ନୀଳମଣି ସୁଆର,ଭଜନତୀର୍ଥ ଭାଗିରଥି ଦଳାଇ, ବାଇଧର ପ୍ରଧାନ, ଉତମ କୁମାର ସାହୁ, ପ୍ରମୁଖ ଉପସ୍ଥିତ ଥିଲେ । ଶ୍ୟାମ ପ୍ରକାଶ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବତନ ସରପଂଚ ରୀତା ରାଣୀ ଜେନା, ସରୋଜିନୀ ଜେନା, ଶୁଭଙ୍କର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଭଡା ବାକି ଥିବାରୁ ହୋଟେଲ ଓ ପାଥୋଲ୍ୟାବକୁ ସିଲ୍ କଲା ପୌର ପ୍ରଶାସନ

କେନ୍ଦ୍ରାପଡ଼ା, ୨୦/୧୨ (ନି.ପ୍ର): କେନ୍ଦ୍ରାପଡ଼ା ପୌରାଂଚଳରେ ଥିବା ପୌରସଂସ୍ଥାର ଦୋକନ ଗୃହଗୁଡ଼ିକୁ ଭଡ଼ା ନେଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କେତେକ ବର୍ଷ ବର୍ଷ ଧରି ଭଡ଼ା ବାକି ରଖିଥିବାରୁ ପୌର ପ୍ରଶାସନ କଡ଼ା ଆଭିମୁଖ୍ୟ ଗ୍ରହଣ କରି ଏମାନଙ୍କୁ ନୋଟିସ୍ ଦେଇ ତୁରନ୍ତ ବକେୟା ଭଡା ଟଙ୍କା ପରିଶୋଧ କରିବା ପାଇଁ ତାଗିଦା କରିଥିଲେ । ସେମାନଙ୍କ ମଧ୍ୟରୁ ପ୍ରାୟ ୫ ଜଣ ଭଡ଼ା ଟଙ୍କା ପରିଶୋଧ କରିଥିବାବେଳେ ପୁରୁଣା ବସଷ୍ଟାଣ୍ଡରେ ଥିବା ହୋଟେଲ ତାଜ ଓ ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ସାରଦା ପାଥୋଲ୍ୟାବ ନିର୍ଦ୍ଧାରିତ ସମୟ ମଧ୍ୟରେ ଟଙ୍କା ପୈଠ କରିନାହାଁନ୍ତି । ଏଣୁ ପୌର ପ୍ରଶାସନ ପୋଲିସ ସହାୟତାରେ ଏହି ୨ ଦୋକାନ ଘରକୁ ସିଲ କରିଥିବା ଜଣାପଡ଼ିଛି । ହୋଟେଲ ତାଜ ଉପରେ ୩ ଲକ୍ଷ ୩୧ ହଜାର ଟଙ୍କା ବାକି ଥିବାବେଳେ ସାରଦା ପଥୋଲ୍ୟାବର ୩୦ ହଜାର ଟଙ୍କା ବାକିଥିବା ଜଣାପଡ଼ିଛି । ସମ୍ପୂର୍ଣ୍ଣ ବକେୟା ଟଙ୍କା ପରିଶୋଧ କଲାପରେ ଦୋକାନ ଗୃହକୁ ଖୋଲାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ ପ୍ରକାଶ କରିଛନ୍ତି ।

ପୁଣି ବିଟ୍‌କଏନରେ ଫସିଲେ ଯୁବତୀ: ୬ ଲକ୍ଷ ୮୦ ହଜାର ଟଙ୍କା ଠକି ନେଲେ

ପାକସ୍ଥଳୀ ଓ ଚର୍ମ ଉପରେ ପ୍ରଭାବ ପକାଏ ଅବସାଦ

ଗବେଷକ ଅଧ୍ୟୟନରୁ ଜାଣିବାକୁ ପାଇଛନ୍ତି ଯେ କିଶୋରାବସ୍ଥାରେ ଅବସାଦ ପାକିସ୍ଥଳୀରେ ସମସ୍ୟା, ଗଣ୍ଠିବାତ ଓ ଚର୍ମରୋଗ ସୃଷ୍ଟି କରିଥାଏ। ମାନସିକ ରୋଗ ଯୋଗୁଁ ଶରୀରରେ ଅନେକ ପ୍ରକାରର ରୋଗ ଦେଖାଯାଇଥାଏ। ସ୍ୱିଜରଲ୍ୟାଣ୍ଡର ବାସେଲ ବିଶ୍ୱବିଦ୍ୟାଳୟ ପକ୍ଷରୁ ମାରିଅନ ତେଗେଟଫଙ୍କ ନେତୃତ୍ୱରେ ଏହି ଗବେଷଣା କରାଯାଇଥିଲା। ସେମାନେ କିଶୋର/କିଶୋରୀଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ରୋଗ ଓ ମାନସିକ ଅବସାଦ ଭିତରେ ଥିବା ସମ୍ପର୍କ ଉପରେ ଅଧ୍ୟୟନ କରିଥିଲେ। ଆମେରିକାର ୧୩ ରୁ ୧୮ ବର୍ଷ ବୟସରେ ୬୪୮୩ଜଣ କିଶୋର/କିଶୋରୀଙ୍କ ଉପରେ ଅଧ୍ୟୟନ କରି ଗବେଷକ ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି। ଗବେଷକମାନେ ଜାଣିବାକୁ ପାଇଛନ୍ତି ଯେ ଯେଉଁ ପିଲା କିମ୍ବା କିଶୋରଙ୍କ ମଧ୍ୟରେ ପୂର୍ବରୁ ମାନସିକ ଅବସାଦ ଦେଖାଯାଇଛି ।

ସଫା ରଖନ୍ତୁ ମାଇକ୍ରୋ ଓଭେନ୍

ମାଇକ୍ରୋଓଭେନରେ ରୋଷେଇ କରିବା ପରେ ତାହାକୁ ସଙ୍ଗେ ସଙ୍ଗେ ପରିଷ୍କାର ନକଲେ

ସେଥିରେ ଦାଗ ଅଥବା କିଛି ଖାଦ୍ୟ ପଦାର୍ଥ ଲାଗି ଶୁଖି ଟାଣ ହୋଇଯାଏ। ଏହି ଦାଗକୁ ଆପଣ କିପରି ସଫା କରିବେ ସେ ବିଷୟରେ ଆସନ୍ତୁ ଜାଣିବା।

- ଏକ କପ ଭିନେଗାର ଓ ଏକ କପ ପାଣିରେ ମିଶ୍ରଣକୁ ଗୋଟିଏ ପାତ୍ରରେ ଢାଳି ମାଇକ୍ରୋ ଓଭେନ୍ ମଧ୍ୟରେ ରଖନ୍ତୁ। ପାଂଚରୁ ଦଶ ମିନିଟ୍ ପର୍ଯ୍ୟନ୍ତ ସେହି ପାତ୍ରକୁ ଗରମ କରନ୍ତୁ। ତାହାପରେ ମାଇକ୍ରୋୱେଭ ଭିତରେ ବାଷ୍ପ ଖେଳାଇ ହେବାକୁ ଏକ ମିନିଟ ଅଥବା ଦୁଇ ମିନିଟ୍ ସେହିଭଳି ଛାଡ଼ିଦିଅନ୍ତୁ। ଏକ ସ୍ପଞ୍ଜକୁ ସେହି ଦ୍ରବଣରେ ବୁଡ଼ାଇ ମାଇକ୍ରୋୱେଭକୁ ପୋଛନ୍ତୁ।

- ଏହା ସହ ଏକ ପାତ୍ରରେ ଏକ କପ ପାଣି ଏବଂ ଖଣ୍ଡେ କଟାଯାଇଥିବା ଲେମ୍ବୁ କମଳା ଅଥବା କିଛି ଚାମଚ ଭିନେଗାର ପକାଇ ତାହାକୁ ମାଇକ୍ରୋୱେଭ ଭିତରେ ରଖନ୍ତୁ। ଉକ୍ତ ଦ୍ରବଣ ଫୁଟି ମାଇକ୍ରୋ ୱେଭର କାଚରେ ଜଳକଣା କରିବା ପର୍ଯ୍ୟନ୍ତ ତାହାକୁ ଉଚ୍ଚ ତାପମାତ୍ରାରେ ଗରମ କରନ୍ତୁ। ୧୫ ମିନିଟ ତାହାକୁ ଥଣ୍ଡା ହେବାକୁ ଦିଅନ୍ତୁ। ଏହାପରେ ମାଇକ୍ରୋୱେଭକୁ ଖାଲି ଭିତର ପୋଛି ଆଣନ୍ତୁ।

ଛୋଟ ପକେଟର ରାଜ୍

ଆଜିକାଲି ଜିନ୍ସ ପିନ୍ଧିବାର କ୍ରେଜ୍ ସମସ୍ତଙ୍କର ରହିଛି। ଯଦି ଜିନ୍ସ ବ୍ରାଣ୍ଡେଡ୍ ହେଲା ତ ପର୍ସନାଲିଟି ବହୁତ ବଢ଼ିଯାଇଥାଏ। ହେଲେ କେବେ ଚିନ୍ତା କରିଛନ୍ତି ଜିନ୍ସରେ ରହିଥିବା ଛୋଟ ପକେଟ୍ ବିଷୟରେ। କେହି କେହି ଏହି ପକେଟରେ କଏନ ରଖିଥାନ୍ତି ତ ଆଉ କେହି ଚକୋଲେଟ୍ କିମ୍ବା ଚୁଇଙ୍ଗମ୍ ରଖିଥାନ୍ତି। ହେଲେ ଏହି ଛୋଟ ପକେଟରେ ଛୋଟ ବଟନର ଇତିହାସ ବହୁ ପୁରୁଣା। ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏହି ପକେଟ୍ ଚାବି, କଏନ କିମ୍ବା ଚକୋଲେଟ ରଖିବା ଲାଗି ନୁହେଁ ବରଂ ଘଣ୍ଟା ରଖିବା ଲାଗି ତିଆରି ହୋଇଥିଲା ଏବଂ ଏହାକୁ ୱାଚ ପକେଟ କୁହାଯାଇଥାଏ। କୁହାଯାଏ ୧୮୦୦ ମସିହାରେ କାଓବୟଜ ତାଙ୍କ ବେସକୋର୍ଟରେ ଘଣ୍ଟା ରଖୁଥିଲେ। କିନ୍ତୁ ସୁରକ୍ଷା ଦୃଷ୍ଟିରୁ ଏହା ଠିକ୍ ନଥିବାରୁ ଜିନ୍ସ ନିର୍ମାଣକାରୀ କମ୍ପାନୀ ଲିଭାଇସ ଏହି ୱାଚ ପକେଟରେ ଶୁଭାରମ୍ଭ କରିଥିଲା। ଏଥିସହ ପକେଟ ଉପରକୁ ଲାଗିଥିବା ଛୋଟ ବଟନଟି ଏମିତି ଷ୍ଟାଇଲ ପାଇଁ ନୁହେଁ ବରଂ ମଜବୁତ ପାଇଁ ରଖାଯାଇଥାଏ। କାରଣ ପକେଟ୍ ଫାଟିଯିବ କିମ୍ବା ସିଲେଇ ଖୋଲିଯିବାର ବହୁ ସମ୍ଭାବନା ରହୁଥିଲା।

ଘୋଳାବିନ୍ଧା କମାଇବା ସହ ତ୍ୱଚାର ରଂଗ ବି ଉଜ୍ୱଳ କରିଥାଏ ଏହି ପାନୀୟ

ଖିର ସହ ହଳଦୀ ମିଶ୍ରଣ କରି କେବେ ପିଇଛନ୍ତି ? କାହାକୁ ଏହା ଭଲ ଲାଗେ ତ କାହାକୁ ଲାଗେନି। ତାହା ଆଦୌ ଗୁରୁତ୍ୱପୂର୍ଣ୍ଣ ନୁହେଁ ଯେ ଏହାର ସ୍ୱାଦ କିପରି। ମାତ୍ର ଏହାକୁ ପିଇବା ଦ୍ୱାରା ଅନେକ ଫାଇଦା ହୋଇଥାଏ ଏଥିରେ ସନ୍ଦେହ ନାହିଁ।

- ରାତିରେ ଶୋଇବା ପୂର୍ବରୁ ଗରମ ଖିରରେ ସାମାନ୍ୟ ହଳଦୀ ମିଶାଇ ପିଅନ୍ତୁ। ଯଦି ଆପଣଙ୍କର ଥଣ୍ଡା ଦେହ ତେବେ ଥଣ୍ଡା କାଟିବା ପାଇଁ ଏହା ଅବ୍ୟର୍ଥ ଔଷଧ ଭାବେ କାମ କରିବ।
- ଗରମ ଖିରରେ ହଳଦୀ ମିଶାଇ ପିଇଲେ କଫ ମଧ୍ୟ ହୋଇନଥାଏ। ଶ୍ୱାସ ରୋଗୀମାନେ ଏହାକୁ ଦୈନିକ ପିଇବା ଉଚିତ।

- ଅନେକ ସମୟରେ ଦିନରେ କରିଥିବା ଶାରୀରିକ ପରିଶ୍ରମ ହେତୁ ଦେହହାତ ଘୋଳାବିନ୍ଧା ହୋଇଥାଏ। ସେହି ଘୋଳାବିନ୍ଧା କାଠିବା ପାଇଁ ରାତିରେ ଗରମ ଖିରରେ ଟିକେ ହଳଦୀ ମିଶାଇ ପିଅନ୍ତୁ।
- ଗରମ ଖିର ଓ ହଳଦୀ ପିଇବା ଦ୍ୱାରା ତ୍ୱଚାର ରଂଗ ବି ଉଜ୍ୱଳ ହୋଇଥାଏ। ଚର୍ମ ଚିକ୍କଣ ହେବା ସହ ମୁଖର ଔଜଲ୍ୟ ଦ୍ୱିଗୁଣିତ ହୋଇଥାଏ।
- ଖିରରେ ହଳଦୀ ମିଶାଇ ପିଇଲେ ରାତିରେ ସୁନିଦ୍ରା ହୋଇଥାଏ। ଏହାକୁ ରାତ୍ର ଭୋଜନ କରି ସାରି ପିଇଲେ ଖୁବ୍ ଭଲ ନିଦ ହୋଇଥାଏ।
- ଯେଉଁମାନଙ୍କୁ ବାରମ୍ବାର ପରିଶ୍ରା ଲାଗିବା ଦ୍ୱାରା ରାତିରେ ନିଦ ଭାଙ୍ଗୁଥାଏ ସେମାନଙ୍କ ପାଇଁ ବି ହଳଦୀ ମିଶା ଖିର ଖୁବ୍ ଫଳପ୍ରଦ ସାବ୍ୟସ୍ତ ହୋଇଥାଏ।
- ଖିରରେ ହଳଦୀ ମିଶ୍ରଣ କରି ପିଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ନିୟନ୍ତ୍ରଣରେ ରହିଥାଏ।

କେଶର ଘରୋଇ ଉପଚାର

- ଆପଣଙ୍କ କେଶକୁ ସୁନ୍ଦର, ଚମକ ତଥା ସୁସ୍ଥ ରଖିବାକୁ ହେଲେ ପ୍ରତିଦିନ ତେଲ ଲଗାଇ ଭଲ ଭାବରେ କୁଣ୍ଡାନ୍ତୁ।
- କେଶ ଗୁଡ଼ିକୁ ଭଲ ଭାବରେ ଖୋଲି ଦେବାପରେ ବଡ଼ଦାନ୍ତ ପାନିଆରେ ଧୀରେ ଧୀରେ କୁଣ୍ଡାନ୍ତୁ।
- ଆପଣଙ୍କ ପସନ୍ଦ ମୁତାବକ ଅଳ୍ପ କିଛି ତେଲ ନେଇ ତାକୁ ଧିମା ଆଂଚରେ ଦୁଇ ମିନିଟ୍ ପର୍ଯ୍ୟନ୍ତ ନଖ ଉଷୁମ କରିଦିଅନ୍ତୁ।
- ବର୍ତ୍ତମାନ ଆପଣ କେଶକୁ ଅଳ୍ପ ଅଳ୍ପ ଭାଗ କରିଦିଅନ୍ତୁ। ଥଣ୍ଡା ହୋଇଯାଇଥିବା ତେଲକୁ ଆଙ୍ଗୁଠିରେ ନେଇ ଧୀରେ ଧୀରେ କେଶମୂଳରେ ଲଗାନ୍ତୁ। ଏହାଦ୍ୱାରା କେଶମୂଳ ଦୃଢ଼ ରହିଥାଏ।
- ତେଲ ଲଗାଉଥିବା ସମୟରେ ଏହାକୁ ସିଧାସଳଖ ତ୍ୱଚା ସଂସ୍ପର୍ଶରେ ଆଣନ୍ତୁ ନାହିଁ।

ଏହାଦ୍ୱାରା କେଶ ଅଧିକ ଅଠାଳିଆ ଲାଗିଥାଏ। ଫଳରେ ଆପଣଙ୍କୁ ତେଲ ଛଡ଼ାଇବା ଲାଗି ଅଧିକ ସାମ୍ପୋ ଆବଶ୍ୟକ ହୋଇଥାଏ।

- ହାତରେ ତେଲ ନେଇ ମୁଣ୍ଡରେ ସିଧାସଳଖ ରଗଡ଼ନ୍ତୁ ନାହିଁ। ଫଳରେ କେଶ ଦୁର୍ବଳ ହୋଇଯାଏ। ଏହା ବଦଳରେ ଆଙ୍ଗୁଠିରେ ତେଲ ନେଇ ଧୀରେ ଧୀରେ ଗୋଲାକାର ଭାବରେ କେଶକୁ ମସାଜ୍ କରନ୍ତୁ। ଏପରି ପ୍ରକ୍ରିୟା ପାଖାପାଖି ୧୦ ମିନିଟ୍ ପର୍ଯ୍ୟନ୍ତ କରନ୍ତୁ।
- ଯଦି ଆପଣ ଚାହୁଁଥାନ୍ତି ତେଲ ମୁଣ୍ଡଶିରା ମଧ୍ୟକୁ ଯାଉ ବୋଲି, ତେବେ କେଶମୂଳକ ଷ୍ଟିମ ଦିଅନ୍ତୁ। ଏକ ବଡ଼ ଟାଓ୍ୱେଲକୁ ଉଷୁମ ପାଣିରେ ବୁଡ଼ାଇ ଚିପୁଡ଼ି ଦିଅନ୍ତୁ। ପରେ ଏହି ଟାଓ୍ୱେଲରେ କେଶକୁ ଭଲଭାବେ ଘୋଡ଼ାଇ ଦିଅନ୍ତୁ। ଧ୍ୟାନ ରଖନ୍ତୁ, କେଶରେ ତେଲ ଲଗାଇବା ପରେ ତାକୁ ଅଧିକ ସମୟ ପର୍ଯ୍ୟନ୍ତ ଛାଡ଼ନ୍ତୁ ନାହିଁ। ଏପରି କରିବା ଦ୍ୱାରା କେଶ ଉପରେ ଧୂଳିମଳି ଲାଗିଯାଏ। ଫଳରେ ଏହାଦ୍ୱାରା ରୂପି ହେବାର ଆଶଙ୍କା ଅଧିକ ରହିଛି। ତେଲ ଲାଗିଥିବା କେଶକୁ କେବେ ବି ୧୨ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଖାଲି ଛାଡ଼ନ୍ତୁ ନାହିଁ ।
- କେଶ ପାଇଁ ନଡ଼ିଆ ତେଲ ସର୍ବୋତ୍ତମ। ହେଲେ ମନେ ରଖନ୍ତୁ କେଶରୁ ତେଲ ଛଡ଼ାଇବା ଲାଗି କେମିକାଲଯୁକ୍ତ ଶାମ୍ପୁ ପରିବର୍ତ୍ତେ ମାଇଲ୍ଡ ହର୍ବାଲ ଶାମ୍ପୁ ବ୍ୟବହାର କରନ୍ତୁ।

ସାଲାଡ ଖାଉଛନ୍ତି କି ?

କିଛି ସ୍ଥାନରେ ଲୋକଙ୍କୁ ଆକର୍ଷିତ କରିବାକୁ ବିଭିନ୍ନ ରଙ୍ଗ ବେରଙ୍ଗର ସାଲାଡ଼ ସୁସଜ୍ଜିତ ହୋଇ ରହିଥାଏ। କିନ୍ତୁ ଏକଥା ଧ୍ୟାନଦେବା ଜରୁରୀ ଯେ ପ୍ରକୃତରେ ସାଲାଡ଼ରେ କ'ଣ ସବୁ ଜିନିଷ ମିଶିକି ରହିଛି। ବେଳେବେଳେ ସ୍ୱାଦ ବଢ଼ାଇବାକୁ ଏଥିରେ କିଛି ଜିନିଷ ସାମିଲ କରାଯାଇଥାଏ, ଯାହା ପାଟିକୁ ସୁଆଦ ଲାଗୁଥିଲେ ବି ଦେହପାଇଁ ଏକଦମ୍ ଖରାପ। ତେଣୁ ଏକଥା ନିଶ୍ଚିତ ଭାବେ ଧ୍ୟାନ ରଖିବେ ଯେ ସାଲାଡ଼ ଯେପରି ଗ୍ରୀନ ରହେ। ହଁ ଏକଥା ମଧ୍ୟ ଧ୍ୟାନଦେବେ ଯେ ସାଲାଡ଼ ଅର୍ଡ଼ର କରିବାବେଳେ ଏହାର ଡ୍ରେସିଂକୁ ଅଲଗା ମାଗନ୍ତୁ। ଏକଥା ବି ଧ୍ୟାନଦେବା ଉଚିତ ଏହାର ବେସ୍ ଅଲିଭ ହୋଇଥିବା ଜରୁରୀ। ସାଲାଡ଼ରେ ଛେନା ପକାଇବାକୁ ସମ୍ପୁର୍ଣ୍ଣ ବାରଣ କରନ୍ତୁ। କାରଣ ସାଧାରଣତଃ ସାଲାଡ଼ ଖାଇଥାନ୍ତି ୱେଟ୍ ଲସ୍ ପାଇଁ। କିନ୍ତୁ ଏଥିରେ ଯଦି ଏକ ସ୍ୱତନ୍ତ୍ର ଧରଣର ଛେନା (ମୋଜରେଲା)ର ବ୍ୟବହାର

ହୋଇଛି ତ ଏଥିରୁ ଦୂରେଇ ରୁହନ୍ତୁ କିମ୍ବା ଅର୍ଡ଼ର କଲାବେଳେ ସମ୍ପୁର୍ଣ୍ଣ ମନା କରନ୍ତୁ। କାରଣ ଏକଥା ସମସ୍ତେ ଭଲଭାବେ ଅବଗତ ଥିବେ ଯେ ଚିଜରେ ହାଇ କ୍ୟାଲୋରିଜ୍ ଏବଂ ଫ୍ୟାଟ୍ ରହିଥାଏ। ଏକଥା ସତ ଡ୍ରାୟ ଫ୍ରୁଟ୍ସ ସାଲାଡ଼ର ସ୍ୱାଦ ବଢ଼ାଇଥାଏ। କିନ୍ତୁ ଏହା ମଧ୍ୟ ଆପଣଙ୍କ ପାଇଁ କ୍ଷତିକାରକ। ଏହାର ଇନଟେକରେ ସୁଗାର ଲେବଲ ବଢ଼ିଯାଇଥାଏ।

ଗହଣାର ଯତ୍ନ

କେବଳ ପୋଷାକ ନୁହେଁ, ନାରୀର ସୌନ୍ଦର୍ଯ୍ୟ ତଥା ବ୍ୟକ୍ତିତ୍ୱକୁ ଆହୁରି ଆକର୍ଷଣୀୟ କରିବାରେ ଗହଣାର ଭୂମିକା ମଧ୍ୟ ରହିଛି। ତେଣୁ ଅଧିକାଂଶ ମହିଳା ମନ ପସନ୍ଦର ଗହଣା କିଣିବା ସହ ତାକୁ ପିନ୍ଧିଥାନ୍ତି। ହେଲେ ସୁନା, ରୂପା କିମ୍ବା ହୀରା ଗହଣା ପିନ୍ଧିବା ସହ ସେଗୁଡ଼ିକୁ ସଫା ରଖିବାକୁ ପଡ଼ିଥାଏ। ସୁନା ଦୋକାନକୁ ନନେଇ ଆପଣ ଘରେ ଏଗୁଡ଼ିକୁ ସଫା କରିପାରିବେ। ଜାଣନ୍ତୁ ସେ ସମ୍ପର୍କରେ।

ଡିସଓ୍ୱାଶ ପାଉଡ଼ର: ପ୍ରଥମେ ଏକ ପାତ୍ରରେ ନଖଉଷୁମ ପାଣି ନିଅନ୍ତୁ। ସେଥିରେ ଡିସଓ୍ୱାଶ ପାଉଡ଼ର କିମ୍ବା ଲିକ୍ୟୁଡ ମିଶାନ୍ତୁ। ଏବେ ଏହି ମିଶ୍ରିତ ପାଣିରେ ସୁନା ଗହଣାକୁ କିଛି ସମୟ ପକାଇ ରଖନ୍ତୁ। ଏହାପରେ ଏକ ଟୁଥବ୍ରଶ ସାହାଯ୍ୟରେ ସେଗୁଡ଼ିକୁ ସଫା କରନ୍ତୁ।

ଟୁଥପେଷ୍ଟ: ରୂପା ଗହଣା ସଫା କରିବାକୁ ହେଲେ ଧଳା ରଙ୍ଗର ଟୁଥପେଷ୍ଟ ନିଅନ୍ତୁ। ଏବେ ଏହି ପେଷ୍ଟକୁ ନେଇ ବ୍ରଶ ସାହାଯ୍ୟରେ ରୂପା ଜିନିଷ ଉପରେ ରଗଡ଼ି ସଫା କରନ୍ତୁ। ତାପରେ ସେଗୁଡ଼ିକ ପରିଷ୍କାର ପାଣିରେ ଭଲ ଭାବେ ଧୋଇ ସଫା କରନ୍ତୁ। ଦେଖିବେ ସେଥିରେ ଚମକ

ଆସିବ।

ଆମୋନିଆ: ନଖଉଷୁମ ପାଣିରେ ଆମୋନିଆ ପାଉଡ଼ର ମିଶାନ୍ତୁ। ଏଥିରେ ରୂପା ଗହଣାକୁ ଦୁଇ ମିନିଟରୁ କମ ସମୟ ପର୍ଯ୍ୟନ୍ତ ଭିଜାଇ ରଖନ୍ତୁ। ଏହାପରେ ଗହଣାକୁ ବ୍ରଶ ସାହାଯ୍ୟରେ ଭଲ ଭାବେ ସଫା କରନ୍ତୁ। ମୋତି କିମ୍ବା ରତ୍ନଖଚିତ ଗହଣା ଏଥିରେ ସଫା କରନ୍ତୁ ନାହିଁ।

ଲୁଣ: ଗରମ ପାଣିନେଇ ସେଥିରେ ଅଳ୍ପ ଲୁଣ ମିଶାନ୍ତୁ ଏବେ ଏହି ମିଶ୍ରଣରେ ରୂପା ଗହଣାକୁ ଭିଜାଇ ଦିଅନ୍ତୁ। ଏହାକୁ ଏକ ବ୍ରଶ ସାହାଯ୍ୟରେ ସଫା କରନ୍ତୁ। ସଫା ସରିବା ପରେ ଏହାକୁ ଭଲଭାବେ ଧୋଇ ଶୁଖିଲା କପଡ଼ାରେ ପୋଛି ଦେଖନ୍ତୁ।

ସିଲଭର ପଲିସ୍: ଆଜିକାଲି ବଜାରରେ ସିଲଭର ପଲିସ ଉପଲବ୍ଧ। ଏହାକୁ ଆପଣ ଘରେ ରୂପା ଗହଣା ସଫା କରିବା ପାଇଁ ବ୍ୟବହାର କରିପାରିବେ। ଏଥିରେ ଅତି ପୁରୁଣା ରୂପା ଗହଣାଗୁଡ଼ିକୁ ମଧ୍ୟ ସଫା କଲେ ତାହା ଚକଚକ ଦେଖାଯାଇଥାଏ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ପରିବର୍ତ୍ତନ...

ପରିବର୍ତ୍ତନ ଏ ସୃଷ୍ଟିର ଅପରିବର୍ତ୍ତନୀୟ ନିୟମ। ମାନବ ସମାଜରେ ପ୍ରତ୍ୟେକ କ୍ଷେତ୍ରରେ କିଛି ନା କିଛି ପରିବର୍ତ୍ତନ ସବୁବେଳେ ଘଟି ଚାଲିଥାଏ ସବୁ ସମୟରେ- ତାହା ମଣିଷମାନଙ୍କର ଚାଲି ଚଳଣି ହେଉ ବା ଆଚାର ବିଚାର, ପୋଷାକପତ୍ର ଇତ୍ୟାଦି। ସମାଜକୁ ଶୃଙ୍ଖଳିତ କରି ରଖିବା ପାଇଁ ପରିବର୍ତ୍ତିତ ସାମାଜିକ ଆଚାର ବିଚାର, ପ୍ରଯୁକ୍ତି, ଏବଂ ଆଧୁନିକ ନ୍ୟାୟଶାସ୍ତ୍ରର ଧାରଣା ସହିତ ତାଳଦେଇ ଚାଲିବା ନିମନ୍ତେ ଆଇନଗୁଡ଼ିକ ମଧ୍ୟ ସମୟାନ୍ତରରେ ନୂଆ କରି ଗଠନ କରାଯିବାର ଆବଶ୍ୟକତା ରହିଛି । ତେଣୁ ସମାନୁପାତିକତାର ଅବଧାରଣା ଏବଂ ଅଧିକାରଗୁଡ଼ିକର ନ୍ୟାୟିକତା ପାଇଁ ଭାରତର ଉପନିବେଶବାଦୀ-ଯୁଗର ଆଇନଗୁଡ଼ିକ ଉଚ୍ଛେଦ କରାଯିବା, ତହିଁରେ କିଛି ପରିବର୍ତ୍ତନ କରାଯିବା ବା ସେସବୁର ପୁନର୍ଗଠନ କରାଯିବାର ଯେ ଆବଶ୍ୟକତା ରହିଛି, କ୍ୱଚିତ୍ ସେଥିରେ କେହି ଅସହମତ ହେବେ । ଗତ ସପ୍ତାହରେ କେନ୍ଦ୍ର ସରକାର ତିନିଗୋଟି ମୂଳ ଅପରାଧିକ ଆଇନ ବିଲ୍‌କୁ ପ୍ରତ୍ୟାହାର କରିନେଇ ତା' ସ୍ଥାନରେ ଭାରତୀୟ ନ୍ୟାୟ ସଂହିତା (ଭାରତୀୟ ଦଣ୍ଡବିଧ ଆଇନ, ୧୮୬୦କୁ ହଟାଇବା ନିମନ୍ତେ ବିଏନ୍‌ଏସ୍-୨), ଭାରତୀୟ ନାଗରିକ ସୁରକ୍ଷା ସଂହିତା (ଅପରାଧକ ପ୍ରୋସିଡ୍ୟୁରର କୋଡ୍, ୧୯୭୩କୁ ହଟାଇବା ପାଇଁ), ଏବଂ ଭାରତୀୟ ସାକ୍ଷ୍ୟ ବିଲ୍ (ଭାରତୀୟ ପ୍ରମାଣ ଆଇନ, ୧୮୭୨କୁ ହଟାଇବା ପାଇଁ) ଉପସ୍ଥାପନ କରିଛନ୍ତି । ଏହିସବୁ ବିଲ୍ ପାଇଁ ଗଠିତ ଏକ ସଂସଦୀୟ କମିଟି ଏହାଙ୍କ ରିପୋର୍ଟ ଦାଖଲ କରିବା ପରେ ଏଗୁଡ଼ିକୁ ଉପସ୍ଥାପନ କରାଯାଇଥିଲା, ଯଦିଓ ଏହାର ଅଧିକାଂଶ ସୁପାରିସ ସରକାରଙ୍କ ସପକ୍ଷରେ ଯିବାରେ ବିଫଳ ହୋଇଛି । ସରକାରଙ୍କର ଏଭଳି ପଦକ୍ଷେପ, ବାସ୍ତବ ରୂପରେ, ଦଣ୍ଡ ବିଧାନ ଉପରେ ଧ୍ୟାନ କେନ୍ଦ୍ରିତ କରିବା ପରିବର୍ତ୍ତେ ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱାରୋପ କରି ଭାରତର ଉପନିବେଶବାଦୀ ଅତୀତକୁ ପରିହାର କରିବା ସହିତ ଅପରାଧକ ଆଇନଗୁଡ଼ିକୁ 'ଜନ-କେନ୍ଦ୍ରିକ' କରିବାର ଉଦ୍ଦେଶ୍ୟ ବହନ କରିଛି । ତେବେ, ପ୍ରସ୍ତାବିତ ଆଇନଗୁଡ଼ିକର ହିନ୍ଦୀ ନାମଗୁଡ଼ିକ ବ୍ୟତୀତ ଅଧିକାଂଶ ମୂଳ ଭାଷାକୁ ଯଥାପୂର୍ବ ରଖାଯାଇଛି । ମୋଟାମୋଟି କହିବାକୁ ଗଲେ, ବିଲ୍‌ଗୁଡ଼ିକ ବିଭିନ୍ନ ବ୍ୟବସ୍ଥାଗୁଡ଼ିକର ସମ୍ମିଶ୍ରଣରେ କରାଯାଇଛି- ଯେଉଁଥିରୁ କେତେକ ଅଭିନନ୍ଦନୀୟ, ଯଦିଓ ଆଉ କେତେକ ବ୍ୟବସ୍ଥା ରହିଛି, ଯେଉଁଗୁଡ଼ିକ ଭୁକୁଞ୍ଚନ ସୃଷ୍ଟିକାରୀ ଏବଂ ଲୋହିତ ଝଣ୍ଡା ଉତ୍ତୋଳନ କରିବା ଭଳି । ଉଦାହରଣ ସ୍ୱରୂପ, 'ଦେଶଦ୍ରୋହ' ସହିତ ଆପାତତଃ ସମାନ ହୋଇଥିବା ନୂଆ ବ୍ୟବସ୍ଥା ଅଧୀନରେ ସରକାରଙ୍କୁ ସମାଲୋଚନା କରିବା ବା ଅସନ୍ତୋଷ ବ୍ୟକ୍ତ କରିବା ନିମନ୍ତେ ଦଣ୍ଡ ବିଧାନକୁ ହଟାଇବାର ବ୍ୟବସ୍ଥା ଉଲ୍ଲେଖଯୋଗ୍ୟ; ସେହିଭଳି ଛୋଟମୋଟ ଅପରାଧଗୁଡ଼ିକ ପାଇଁ ଦଣ୍ଡ ବିଧାନର ଏକ ସ୍ୱରୂପ ଭାବରେ 'ଗୋଷ୍ଠୀର ସେବା' କରିବାର ପ୍ରଚଳନ। ବିଏନ୍‌ଏସ୍ -୨ ଅଧୀନରେ ଏକ ଦଣ୍ଡନୀୟ ଅପରାଧ ଭାବରେ ଆତଙ୍କବାଦର ପ୍ରଭାବକୁ ଯୋଗ କରିବା, ଯଦିଓ ଆତଙ୍କବାଦୀ ଅପରାଧଗୁଡ଼ିକର ବିଚାର କରିବା ନିମନ୍ତେ ନିର୍ଦ୍ଦିଷ୍ଟ ଭାବରେ ଏକ ଆଇନ ରୂପରେ ୟୁଏପିଏ ପ୍ରଚଳିତ ଅଛି ଏବଂ ଦେଶର 'ଅର୍ଥନୀତିକ ସୁରକ୍ଷା' ତଥା 'ଆର୍ଥିକ ସ୍ଥିରତା'କୁ ଏହାର ପରିସର ଭିତରକୁ ଆଣିବାର ଆବଶ୍ୟକତାକୁ ସ୍ପଷ୍ଟ ଭାବରେ ବୁଝିହୁଏ ନାହିଁ, କିନ୍ତୁ ଏହି ଆଇନରେ ବିନା କୌଣସି ମାର୍ଗଦର୍ଶନ କରାଇ ପୁଲିସ କର୍ମଚାରୀମାନଙ୍କୁ ଏ ବାବଦରେ କାର୍ଯ୍ୟାନୁଷ୍ଠାନ କରିବାକୁ ଦେବାର ଅର୍ଥ ଅନେକ କିଛି ସମ୍ଭାବନାକୁ ବହନ କରିପାରେ। ସେହିପରି ବର୍ତ୍ତମାନର ୧୫-ଦିନିଆ ସମୟ ସୀମା ବାଦ୍ ପୁଲିସର କଷ୍ଟେଡିରେ ରହିବା ବାବଦୀୟ ପ୍ରସଙ୍ଗ ମଧ୍ୟ ଯଥାର୍ଥ । ତେବେ ଆଇନଗୁଡ଼ିକ ଯେ ପର୍ଯ୍ୟନ୍ତ ଠିକ୍ ଭାବରେ ପ୍ରୟୋଗ କରାଯାଉଥାନ୍ତି, ସେ ପର୍ଯ୍ୟନ୍ତ ସେଗୁଡ଼ିକ ସେମାନଙ୍କର ଯଥାର୍ଥତାକୁ ସାବ୍ୟସ୍ତ କରିଥାନ୍ତି । ତେଣୁ କୁହାଯାଇପାରେ ଯେ ସେଗୁଡ଼ିକର କେମିତି କାର୍ଯ୍ୟାନ୍ୱୟନ କରାଯାଉଛି, ତା' ଉପରେ ନିର୍ଭର କରିଥାଏ ଆଇନ୍‌ଗୁଡ଼ିକର ସଠିକ୍। ଭଲ ଆଇନଗୁଡ଼ିକ ମଧ୍ୟ ଖରାପ ପରିଣତି ଦିଗରେ ପଥ କଢ଼ାଇ ନେଇପାରେ ଏବଂ ନାଗରିକମାନଙ୍କ ସ୍ୱାଧୀନତାଗୁଡ଼ିକୁ ପଦ ଦଳିତ କରିବା ନିମନ୍ତେ ମଧ୍ୟ ଆଇନ ସ୍ୱୟଂ ବ୍ୟବହୃତ ହୋଇପାରେ । ପ୍ରକୃତି ପରୀକ୍ଷା ତେଣୁ ହେଉଛି ଏୟା ଯେ ପ୍ରସ୍ତାବିତ ଆଇନଗୁଡ଼ିକ ବଦ୍ଧମୂଳ ହୋଇ ରହିଥିବା ଅନ୍ୟାୟଗୁଡ଼ିକୁ ସୁଧାରିବା ବେଳେ ଏକ ନିରପେକ୍ଷ, ଯଥାର୍ଥ ଏବଂ ଦକ୍ଷ ଅପରାଧିକ ନ୍ୟାୟିକ ବ୍ୟବସ୍ଥାକୁ ସୃଷ୍ଟି କରିବାରେ ସକ୍ଷମ ହେବା। ଆଉ ସେପରି ହୋଇ ପାରିଲେ ନୂତନ ଆଇନଗୁଡ଼ିକ ସେମାନଙ୍କର ପ୍ରଣୀତ ହେବାର ଉଦ୍ଦେଶ୍ୟଗୁଡ଼ିକ ପୂରଣ କରି ପାରିବେ । ପୁନଶ୍ଚ, ନୂତନ ଆଇନଗୁଡ଼ିକରେ ବେଶ୍ କିଛି ସଂଖ୍ୟକ ଛୋଟ ଛୋଟ ପରିବର୍ତ୍ତନ, ଯୋଗ ଏବଂ ନିରବ ବହିଷ୍କରଣ ରହିଛି ଯେଉଁଗୁଡ଼ିକ ଭାରତୀୟ ଆଇନ ସଂହିତାର ମୂଳ ରୂପକୁ ପରିବର୍ତ୍ତିତ କରି ସରକାରଙ୍କୁ ସାମ୍ବିଧାନିକ ସୀମାଗୁଡ଼ିକ ବର୍ହିଭୂତ ଶକ୍ତି ପ୍ରଦାନ କରିଛି। ତଥାପି ବିଶେଷଜ୍ଞମାନେ କୁହନ୍ତି ଯେ ମୂଳ ଆଇନଗୁଡ଼ିକରେ କରାଯାଇଥିବା ପ୍ରକୃତ ପରିବର୍ତ୍ତନଗୁଡ଼ିକର ହାର ମାତ୍ର ୨୦ ପ୍ରତିଶତ। ଜାତୀୟତାବାଦ ନାମରେ କରାଯାଇଥିବା ସଂସ୍କାରଗୁଡ଼ିକର ଏକ ଅଦ୍ଭୁତ ପରିଣାମ ବାହାରିବା ଭଳି ମନେହୁଏ।

ଉଲ୍ ବିକା ନେପାଳୀର ଗାଥା

ନୀଳମଣି ଚାନ୍ଦ

ଶୀତ ଥିଲେ ଉଲ୍ ହାଟ ବସେ
ଉଲ୍ ହାଟ ଥିଲେ ଶୀତ ଥାଏ
କ୍ରେତାଟିଏ ହୁଏ ବା ନ ହୁଏ
ସଂଧ୍ୟା ହେଲେ ବୁଲିବାକୁ ଯାଏ।

ଲାଗେ ବୋଧେ ସୁଦୂର ନେପାଳ
ଏଇମାନେ ତା'ର ଅଧିବାସୀ
ଶୀତ ଦିନେ ମିଳେ ତାଙ୍କ ଦେଖା
ବ୍ୟବସାୟ ନୁହେଁ ବାରମାସୀ।

'ଖୁବ୍ ଶସ୍ତା ଉଲ୍ ଚିଜ ଡାକ'
ମୋତେ କରିଦିଏ ଆନ୍ଦୋଳିତ
ଭାବେ ପେଟ ପାଇଁ ସବୁ ନାଟ
କଥା ସତ୍ୟ ଶତ ପ୍ରତିଶତ।

ତାଙ୍କ ଲାଗି ମମତାଟି ଝରେ
ସେ ନୁହେଁ ତ ଫିରିଙ୍ଗୀ ବେପାରୀ

ତାଙ୍କ ମନେ ନାହିଁ ରାଜ୍ୟ ଜୟ
ସେ ସରଳ ନୁହଁ ଅହଂକାରୀ।

ପ୍ରକୃତିସ୍ଥ ହେବାବେଳେ ମୁହିଁ
ଆବେଗରେ ଛନ୍ଦିହୋଇଯାଏ
ସ୍ମୃତିର ମୋ ଦିନଲିପିଟିରେ
ଏ ଘଟଣା ଲେଖି ହେଉଥାଏ।

ଉଲ୍ ହାଟ ସେ ନେପାଳୀମାନେ
କେବେ କେବେ ନେପଥ୍ୟେ ରହନ୍ତି
ଅପରିଚିତ ଯଦି ଓ ମୋ'ର
ଭିନ୍ନ ଏକ ଭାଷାରେ କହନ୍ତି।

ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

ଜ୍ଞାନ, ବିଜ୍ଞାନ ଓ ବୈଜ୍ଞାନିକ

ଅଧ୍ୟାପକ ଗୋପବନ୍ଧୁ

ଜ୍ଞାନ କହିଲେ କୌଣସି ବିଷୟରେ ଜାଣିବାକୁ ବା ଅବଗତ ହେବାକୁ ବୁଝାଏ। ଯେଉଁ ବସ୍ତୁ ବା ବିଷୟ ଯାହା ତାକୁ ସେହି ରୂପରେ ଜାଣିବା ହିଁ ଜ୍ଞାନ। ଏହା ଏପରି ଏକ ଧାରଣା ଯାହା ମାନସପଟ୍ଟରେ ରେଖାଙ୍କିତ ହୋଇଯାଏ। ମନୁଷ୍ୟକୁ ମନୁଷ୍ୟ ରୂପରେ ଜାଣିବା ହେଉଛି ଜ୍ଞାନ। ମାଙ୍କଡ଼କୁ ମାଙ୍କଡ଼ ରୂପରେ ଜାଣିବା ହେଉଛି ଜ୍ଞାନ। ଗୋଟିଏ ବସ୍ତୁକୁ ଭିନ୍ନ ବସ୍ତୁ ରୂପରେ ଜାଣିଲେ ତାହା ଜ୍ଞାନ ନୁହେଁ। ମନୁଷ୍ୟକୁ ମାଙ୍କଡ଼ ରୂପରେ ଜାଣିଲେ ତାହା ଜ୍ଞାନ ନୁହେଁ। ବିଶ୍ୱରେ ସେହିମାନେ ହେଉଛନ୍ତି ଜ୍ଞାନୀ ଯେଉଁମାନେ ବିଭିନ୍ନ ବିଷୟରେ ସଠିକ ଜ୍ଞାନ ପ୍ରାପ୍ତ ହୋଇଥାନ୍ତି।

ଜ୍ଞାନ ଦୁଇ ପ୍ରକାରର। ପ୍ରତ୍ୟକ୍ଷ ଜ୍ଞାନ ଓ ପରୋକ୍ଷ ଜ୍ଞାନ। ଆମ ଶରୀର ବାହାରେ ଥିବା ପାଞ୍ଚଟି ଇନ୍ଦ୍ରିୟ ଆଖି, ନାକ, କାନ, ଜିଭ ଓ ଚର୍ମ ଦ୍ୱାରା ଆମେ ଯେଉଁ ଜ୍ଞାନ ଆମେ ପାଉ ତାହା ପ୍ରତ୍ୟକ୍ଷ ଜ୍ଞାନର ଅନ୍ତର୍ଗତ ଅଟେ। ଏମାନଙ୍କ ଦ୍ୱାରା ଆମ ଚାରିପାଖେ ଥିବା ବିଭିନ୍ନ ବସ୍ତୁ ସମ୍ବନ୍ଧରେ ଯେଉଁ ଧାରଣା ଆମକୁ ମିଳେ ତାହା ପ୍ରତ୍ୟକ୍ଷ ଜ୍ଞାନ। ଆଖି ଦ୍ୱାରା ଆମେ ଜାଣୁ କାହାର ରଙ୍ଗ କେଉଁ ଭଳିଆ, କାନ ଦ୍ୱାରା ଜଣୁ କାହାର ଶବ୍ଦ କିପରି, ନାକ ଦ୍ୱାରା ଜାଣୁ କେଉଁ ବସ୍ତୁ କେଉଁ ଗନ୍ଧଯୁକ୍ତ, ଜିଭ ଦ୍ୱାରା ଜାଣୁ କାହାର ସ୍ୱାଦ କିପରି ଓ ଚର୍ମଦ୍ୱାରା ଜାଣୁ କେଉଁ ବସ୍ତୁର ଉତ୍ତାପ କେତେ। ଏହା ସହିତ ଅନ୍ୟ ଏକ ଇନ୍ଦ୍ରିୟ ରହିଛି ଯାହାକୁ ଅନ୍ତରେନ୍ଦ୍ରୀୟ କୁହାଯାଏ। ଏହା ଆମ ଶରୀର ସମ୍ବନ୍ଧରେ ଧାରଣା ଦିଏ। ଯେମିତି ପେଟ କାଟିବା, ମନ ଖୁସି ଲାଗିବା ଇତ୍ୟାଦି। ଏହା ମଧ୍ୟ ପ୍ରତ୍ୟକ୍ଷ ଜ୍ଞାନର ଅନ୍ତର୍ଗତ ଅଟେ। ଅନ୍ୟପକ୍ଷରେ ପରୋକ୍ଷ ଜ୍ଞାନ ସିଧାସଳଖ ଇନ୍ଦ୍ରିୟମାନଙ୍କ ଦ୍ୱାରା ମିଳେ ନାହିଁ। ଏହା ଅନୁମାନ ସାହାଯ୍ୟରେ ମିଳେ। ଯେମିତି ଦୂର ପାହାଡରେ ଧୂଆଁ ବାହାରିବାର ଦେଖି ସେଠାରେ ନିଆଁ ଥିବାର ଜ୍ଞାନ ପାଇବା। ଏଥିପାଇଁ ଏକ ସୂଚକର ଆବଶ୍ୟକତା ପଡେ। ଯେମିତି ଏଠାରେ ଧୂଆଁ ହେଉଛି ସୂଚକ। ଧୂଆଁ ଥିବାର ଦେଖି ନିଆଁ ଥିବାର ଅନୁମାନ କରାଯାଏ। ଅନୁମାନର ଆଧାର ପ୍ରତ୍ୟକ୍ଷ ଜ୍ଞାନ ଅଟେ। ଏଠାରେ ଧୂଆଁ ଓ ନିଆଁର ସମ୍ବନ୍ଧ ପୂର୍ବ ପ୍ରତ୍ୟକ୍ଷ ଜ୍ଞାନ।

ବିଜ୍ଞାନ କହିଲେ ଶୋଧିତ ଓ ପ୍ରମାଣିତ ଜ୍ଞାନକୁ ବୁଝାଏ। ପ୍ରତ୍ୟକ୍ଷ ଜ୍ଞାନ ଅନେକ ସମୟରେ ଶୋଧିତ ଓ ପ୍ରମାଣିତ ହେବାର ଆବଶ୍ୟକତା ପଡେ। ବେଳେବେଳେ ପ୍ରତ୍ୟକ୍ଷ ଜ୍ଞାନ ଭୁଲ୍ ହୋଇଯାଏ। ମରୁଭୂମିରେ ମରୀଚିକା ଦେଖିବା, ଅକାଶରେ ଉଡାଜାହାଜ ଛୋଟ ଦିଶିବା, ପଛରୁ କାହାକୁ ଦେଖି ସାଙ୍ଗ ବୋଲି ଭାବିବା ଇତ୍ୟାଦି ଭୁଲ ଜ୍ଞାନ ଜାତ କରାଏ। ଏହି ଭ୍ରମକୁ ଦୂର କରିବା ପାଇଁ ନିଜ ଇନ୍ଦ୍ରିୟମାନଙ୍କୁ ବାରମ୍ବାର ପ୍ରୟୋଗ କରାଯାଏ। ଯାହାକୁ ରାସ୍ତାରେ ସାଙ୍ଗ ବୋଲି ଭାବିଥାଉ ତା ପାଖକୁ ଯାଇ ବାରମ୍ବାର ଲକ୍ଷ୍ୟକରି ଜାଣୁ ବା ନିର୍ଦ୍ଦିଷ୍ଟ ଜ୍ଞାନରେ ପହଞ୍ଚୁ ଯେ ସେ ସାଙ୍ଗ ନୁହେଁ। ବେଳେବେଳେ ଇନ୍ଦ୍ରିୟ ମାନଙ୍କ ଶକ୍ତି ବୃଦ୍ଧି ପାଇଁ ବିଭିନ୍ନ ଯନ୍ତ୍ରପାତିର ବ୍ୟବହାର ମଧ୍ୟ କରାଯାଇଥାଏ। ଆଖିର ଶକ୍ତି ବୃଦ୍ଧିପାଇଁ ଦୂରବୀକ୍ଷଣ ଯନ୍ତ୍ର, କାନର ଶକ୍ତି ବୃଦ୍ଧିପାଇଁ ଶ୍ରବଣ ଯନ୍ତ୍ର ଇତ୍ୟାଦିରେ ବ୍ୟବହାର କରାଯାଏ। ସେହିପରି ମରିଚୀକା ସୃଷ୍ଟିର କାରଣ ଜାଣିବା ପାଇଁ ଏ ବିଷୟରେ ଅଧ୍ୟୟନ ଓ ବୈଜ୍ଞାନିକ ପ୍ରମାଣର ଆଶ୍ରୟ ନେବାକୁ ପଡେ। ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗର କାରଣ ଜାଣିବା ପାଇ ପ୍ରମାଣିତ ଜ୍ୟୋତିର୍ବିଜ୍ଞାନକୁ ଅଧ୍ୟୟନ କାରିବାକୁ ପଡେ। ମୋଟ ଉପରେ କହିବାକୁ ଗଲେ ପ୍ରମାଣିତ ଜ୍ଞାନହିଁ ବିଜ୍ଞାନ ଅଟେ। କୌଣସି ବିଷୟରେ ନିର୍ଦ୍ଦିଷ୍ଟ ଜ୍ଞାନହିଁ ବିଜ୍ଞାନ ଅଟେ। ଅର୍ଥାତ୍ ସତ୍ୟ ଜ୍ଞାନ ହିଁ ବିଜ୍ଞାନ। ପ୍ରକୃତ ସତ୍ୟ ନିକଟରେ ପହଞ୍ଚିବା ବିଜ୍ଞାନର ଲକ୍ଷ୍ୟ।

ଯେଉଁମାନେ ସତ୍ୟର ଅନୁସନ୍ଧାନ କରନ୍ତି ସେମାନେ ବୈଜ୍ଞାନିକ। ବିଜ୍ଞାନର କାମ ସତ୍ୟର ସ୍ଥାପନ। ଯେଉଁ ଜ୍ଞାନ ପ୍ରମାଣିତ ଓ ତଥ୍ୟଭିତ୍ତିକ ତାହା ହିଁ ବିଜ୍ଞାନ। ଯେଉଁମାନେ କୌଣସି ବିଷୟକୁ ସତ୍ୟ ବୋଲି ପ୍ରମାଣ କରିବାକୁ ଚାହାଁନ୍ତି ଓ ଏଥିପାଇଁ ବିଭିନ୍ନ ପ୍ରକାର ତଥ୍ୟର ସଂଗ୍ରହ କରନ୍ତି ସେମାନେ ବୈଜ୍ଞାନିକ। ବୈଜ୍ଞାନିକ ହେବା ମନୁଷ୍ୟର ପ୍ରାକୃତିକ ଗୁଣ। ଜନ୍ମରୁ ସେ ଏହି ଗୁଣର ଅଧିକାରୀ। ତାହାର ମସ୍ତିଷ୍କ ଏହି ଢଙ୍ଗରେ ଗଢ଼ା ହୋଇଛି। ପ୍ରଶ୍ନ କରିବା ତାର ସ୍ୱଭାବଗତ ଲକ୍ଷଣ। ଜଣେ ବୈଜ୍ଞାନିକର ମୌଳିକ ଗୁଣ ହେଉଛି ପ୍ରଶ୍ନ ପଚାରିବା। ତା ଚାରିପଟେ ଘଟୁଥିବା ପ୍ରତ୍ୟେକଟି ଘଟଣା ବିଷୟରେ ସେ ଜାଣିବାକୁ ଆଗ୍ରହ ପ୍ରକାଶ କରେ। ଯାହା ସେ ବୁଝିପାରେ ନାହିଁ ତାକୁ ବୁଝିବା ପାଇଁ ପ୍ରଶ୍ନ କରିଚାଲେ। କୌଣସି ଘଟଣା କାହିଁକି ଘଟୁଛି, ତାହା ପଛରେ କାରଣ କଣ ରହିଛି ତାହା ଜାଣିବା ପାଇଁ ତାର ଇଚ୍ଛା ତାକୁ ବୈଜ୍ଞାନିକ ସ୍ତରକୁ ନେଇଯାଏ।କୌଣସି କଥାକୁ ସେ ଆଖିବୁଜି ଗ୍ରହଣ କରିନିଏ ନାହିଁ। କୌଣସି ଘଟଣା ଆପେ ସଙ୍ଗଠିତ ହୁଏ ବୋଲି ସେ ଗ୍ରହଣ କରିପାରେ ନାହିଁ। ଏହା ପଛରେ କିଛି ନା କିଛି କାରଣ ନିଶ୍ଚିତ ରହିଛି ବୋଲି ତାର ଦୃଢ ବିଶ୍ୱାସ ଜାତ ହୁଏ। ଏହାହିଁ ବୈଜ୍ଞାନିକ ଚେତନା। ସମସ୍ତଙ୍କ ଭିତରେ ଉଣା ଅଧିକେ ଏହି ଚେତନା ରହିଥାଏ।

କେବଳ ବିଜ୍ଞାନଗାରରେ କାମ କଲେ ଜଣେ ବୈଜ୍ଞାନିକ ହୋଇଯାଏ ନାହିଁ। ବୈଜ୍ଞାନିକ ହେବାପାଇଁ ହେଲେ ଜଣକର ଭିତରେ ବୈଜ୍ଞାନିକ ଚେତନା ଥିବା ଆବଶ୍ୟକ। ବୈଜ୍ଞାନିକ ଚେତନା କହିଲେ ବୁଝାଏ ସତ୍ୟ ପ୍ରତି ଆଗ୍ରହ ଓ ଅସତ୍ୟ ପ୍ରତି ଅନାଗ୍ରହ। ଏହା ଏକ ଗୁଣଗତ ଲକ୍ଷଣ। ବୈଜ୍ଞାନିକ ହେବାପାଇଁ ହେଲେ ବିଜ୍ଞାନ ସମ୍ବନ୍ଧରେ ଅଧ୍ୟୟନ ଜରୁରୀ, କିନ୍ତୁ ତାଠାରୁ ଅଧିକ ଜରୁରୀ ବୈଜ୍ଞାନିକ ଭାବନାର ବଶବର୍ତ୍ତୀ ହେବା। ଅନେକ ଅଛନ୍ତି ଯେଉଁମାନେ ନାମକୁ ମାତ୍ର ବୈଜ୍ଞାନିକ, କିନ୍ତୁ କାମକୁ ଓ ଲକ୍ଷଣରେ ଅବୈଜ୍ଞାନିକ। ନିଜକୁ କହନ୍ତି ବିଜ୍ଞାନର ଅନୁଗାମୀ, କିନ୍ତୁ କାମରେ ସମ୍ପୂର୍ଣ୍ଣ ଅନ୍ଧବିଶ୍ୱାସୀ। ବିଜ୍ଞାନଗାରରେ ବୈଜ୍ଞାନିକ, କିନ୍ତୁ ବାହାରକୁ ଆସିଲେ ତାହାର ବିପରୀତ। ପ୍ରକୃତ ବୈଜ୍ଞାନିକ ସର୍ବଦା ଅନୁସନ୍ଧାନରେ ମଗ୍ନ ଥାଏ। ଘଟଣା ପଛର କାରଣକୁ ଖୋଜେ। ସେ ବିଜ୍ଞାନଗାରରେ ଯେମିତି, ବାହରେ ମଧ୍ୟ ସେମିତି। ବୈଜ୍ଞାନିକ ଭାବନା ତାରା ଚିନ୍ତାରେ, କଥାରେ ଓ କର୍ମରେ ପ୍ରତିଫଳିତ ହୁଏ। ସେହିମାନେ ସଫଳ ବୈଜ୍ଞାନିକ ଯେଉଁମାନେ ବୈଜ୍ଞାନିକ ସିଦ୍ଧାନ୍ତକୁ ଅକ୍ଷରେ ଅକ୍ଷରେ ଅନୁସରଣ କରନ୍ତି।

ସଭ୍ୟତାର ବିକାଶ ସହିତ ବିଜ୍ଞାନର ମଧ୍ୟ ବିକାଶ ହେଉଛି। ଆଦିମ ମନୁଷ୍ୟର ମନରେ ଅଙ୍କୁରିତ ହୋଇଥିବା କାହିଁକିର ପ୍ରଶ୍ନରୁ ଜନ୍ମ ନେଇଛି ବିଜ୍ଞାନ। ବୁଦ୍ଧିମତ୍ତାର ବିକାଶ ତାକୁ ବୈଜ୍ଞାନିକ ସ୍ତରକୁ ନେଇଯାଇଛି। ପ୍ରାରମ୍ଭିକ ଅବସ୍ଥାରେ ପ୍ରତ୍ୟେକ ପ୍ରାକୃତିକ ଘଟଣା କାହିଁକି ଘଟୁଛି ବୋଲି ତା ମନରେ ପ୍ରଶ୍ନ ସୃଷ୍ଟି ହୋଇଛି। ଏ ସମସ୍ତ ପଛରେ କେଉଁ କାରଣ ରହିଛି ତାହା ଜାଣିବାକୁ ସେ ଚେଷ୍ଟା କରିଛି। ସମସ୍ତ ଘଟଣା ପଛରେ କୌଣସି ଦୈବୀଶକ୍ତିର ହାତ ରହିଛି, ଏକଥାକୁ ସେ ଗ୍ରହଣ କରିପାରି ନାହିଁ। କାରଣ ତା ମନରେ ବୁଦ୍ଧିର ବିକାଶ ସହିତ କାରଣିକତାର ଭାବନା ମଧ୍ୟ ବିକଶିତ ହୋଇଛି। ଏହାକୁ କାର୍ଯ୍ୟକରଣ ନିୟମ ବୋଲି କୁହାଯାଏ। ଏହି ନିୟମ ଜରିଆରେ ପ୍ରାକୃତିକ ଘଟଣାବଳିକୁ ଠିକଭାବେ ବର୍ଣ୍ଣନା କରାଯାଇ ପାରେ। ଏ ବିଶ୍ୱବ୍ରହ୍ମାଣ୍ଡର ବିକାଶ ଏହି ନିୟମ ଜରିଆରେ ହେଉଛି।ଏହି ନିୟମ ଅନୁଯାୟୀ ପ୍ରଥମେ କାରଣ ସୃଷ୍ଟି ହୁଏ ଓ ତାପରେ କାର୍ଯ୍ୟ ବା ଘଟଣାର ସୃଷ୍ଟି ହୁଏ। କାର୍ଯ୍ୟ ପୁଣି କାରଣକୁ ରୂପାନ୍ତରିତ ହୁଏ ଓ ସେଥିରୁ ନୂଆ କାର୍ଯ୍ୟ ତିଆରି ହୁଏ। ଏହି କ୍ରମରେ ପ୍ରକୃତି ଆଗକୁ ବଢ଼ି ଚାଲିଛି। ଉଦାହରଣ ସ୍ୱରୂପ ବଙ୍ଗୋପ ସାଗରରେ ଲଘୁଚାପ ସୃଷ୍ଟି ହେଲେ ଉପକୂଳ ଅଞ୍ଚଳରେ ପ୍ରବଳ ବର୍ଷାହୁଏ, ପ୍ରବଳ ବର୍ଷାହେଲେ ନଇରେ ବଢି ଆସେ, ନଇବଢି ଆସିଲେ ଚାରିଆଡ଼େ ଜଳ ପ୍ଲାବିତ ହୁଏ, ଫଳରେ ଶସ୍ୟହାନି ହେବା ସହିତ ଅନେକ ଘରଦ୍ୱାର ଭାଙ୍ଗିଯାଏ। ଏହିପରି କାରଣ ଓ କାର୍ଯ୍ୟର କ୍ରମ ସଂଗଠିତ ହୋଇଚାଲେ। ଏହି କ୍ରମ ମଧ୍ୟରେ ଦେବାଦେବୀ, ଭୂତପ୍ରେତ ଅଥବା କୌଣସି ଅଦୃଶ୍ୟ ଶକ୍ତିର ହାତ ରହିଛି ବୋଲ ବୈଜ୍ଞାନିକ ମନ ଗ୍ରହଣ କରିପାରେ ନାହିଁ।

ବୈଜ୍ଞାନିକ ହେବା ପାଇଁ ହେଲେ ବିଜ୍ଞାନର ପରୀକ୍ଷାଗାର ଜରୁରୀ ନୁହେଁ। ବସ୍ତୁର ଅନୁଧ୍ୟାନ ପାଇଁ ପରୀକ୍ଷାଗାର ଅଥବା ପ୍ରାକୃତିକ ପରିବେଶ ଆବଶ୍ୟକ। କିନ୍ତୁ ଗୁଣଗତ ସ୍ଥିତିର ଅନୁଧ୍ୟାନ ପାଇଁ ବିଜ୍ଞାନଗାର ଅନାବଶ୍ୟକ। ଏଥିପାଇଁ ଲୋଡ଼ା ତର୍କସମ୍ମତ ବିଚାର। ବିଜ୍ଞାନର ଅନୁଗାମୀ ହେବା ଏକ ସାଧନା। ଯେଉଁମାନେ ବିଜ୍ଞାନକୁ ଗ୍ରହଣ କରନ୍ତି ନାହିଁ, ସେମାନେ ପ୍ରାୟତଃ ଅନ୍ଧବିଶ୍ୱାସୀ ଓ ବିବେକବିହୀନ ହୋଇଥାନ୍ତି। ନିଜର ପ୍ରକୃତି ପ୍ରଦତ୍ତ ବୁଦ୍ଧିମତ୍ତାକୁ ସେମାନେ ଉପଯୋଗ କରନ୍ତି ନାହିଁ। ତେଣୁ ସମାଜରେ ସେହିମାନେ ଶ୍ରେଷ୍ଠ ଓ ଉନ୍ନତ ଯେଉଁମାନେ ବିଜ୍ଞାନର ଅନୁଗାମୀ ହୁଅନ୍ତି।

ବାରିପଦା, ମୟୂରଭଞ୍ଜ,
ମୋ: ୭୦୦୮୯୬୬୧୮୦

ଦରପୋଡା ଅବଶେଷର ଅବସୋସ !

ପ୍ରଦୋଷ

ପୁଅ ମୋର ବିଦେଶ ଯିବ

ରଶ୍ମୀ ସାମଲ



ସକାଳୁ ସକାଳୁ ପାର୍କକୁ ଚାଲିବାକୁ ଯିବା ସମୟରେ ସାଙ୍ଗ ଅନୀଲ କହିଲା, ଆରେ ଜାଣିଲୁଟି, ମୋ ପୁଅ ବିଦେଶ ଯିବ। ଆଉ ମୁଁ ଗୋଟେ ସପ୍ତାହ ପାଇଁ ଛୁଟି ଆଣିଛି ଅଫିସରୁ, ଭିସା ପାସପୋର୍ଟ କାମ ସବୁ ସରିଗଲାଣି। ତାକୁ ନେଇ ଖାଲି ଛାଡିକି ଆସିବି। ମୋତେ କିନ୍ତୁ କାହିଁ ସେ ବିଦେଶ ଫିଦେଶ ଯିବା କଥା ଶୁଣିଲେ ମନ ମଧ୍ୟରେ ବିରକ୍ତ ଭାବ ଆସିଯାଏ। ଆଶ୍ଚର୍ଯ୍ୟ ହୋଇ ପଚାରିଲି, ହେଲେ କାହିଁକିରେ ସେ ତ ତୋର ଗୋଟିଏ ବୋଲି ଛୁଆ ଏତେ ବାଟ ତାକୁ କାହିଁକି ପଠାଇବୁ। ହଁ ସେ ପରା ପାଠ ପଢିବାକୁ ଯିବ, ଆରେ ତୋ ପୁଅ ଏମତି କି ପାଠ ପଢିବ କି, ଆମ ଦେଶରେ କଣ ସେ ପାଠ ନାହିଁ ନା କଣ। ନାହିଁରେ ସିଏ ଯାହା ପଢିବାକୁ ଚାହୁଁଛି ତାହା ସେଠାରେ ସହଜରେ ମିଳିଯିବ, ଏଠାରେ ସେ ଏଣ୍ଟ୍ରାନ୍ସ ପାସ କରିବାକୁ ବହୁତ କଷ୍ଟ ହେବ ତାକୁ। ଏମତି କେମିତି କଥା କହୁଛୁ ଯେ। କଥାଟା ଟିକେ ଅଡୁଆ ତଡୁଆ ଲାଗିଲା। ତା କଥାରେ ମନ ମୋର କାହିଁ ମାନିଲାନି। ଯେହେତୁ ତା ପରିବାର ସହ ମୋର ଘନିଷ୍ଠତା ରହିଛି, ଭାବିଲି ତା ପୁଅକୁ ଯାଇ ପଚାରିବି, ଯଦି ସତ ହୋଇଥିବ ବୁଝେଇ ଦେଇ ଆସିବି ଆମ ଦେଶରେ ରହି ପାଠ ପଢି ଭଲ ମଣିଷ ହୋଇ ପାରିବୁ ପୁଅ ।

ଏହା ଭାବି ସନ୍ଧ୍ୟାରେ ତାଙ୍କ ଘର ଆଡ଼େ ଚାଲ ଚାଲ ହୋଇ ଚାଲିଗଲି। ଘର ଦୁଆରେ ପାଦ ଦେଉ ଦେଉ ଭାଲୁ ଭଳିଆ କୁକୁରଟା ମୋ ଛାତି ଯାଏ ଉପରକୁ ଚଢି ଆସୁଥାଏ। ମୋତେ ତ ଭାରି ଭୟ ସେ ବିଦେଶୀ କୁକୁରଙ୍କୁ ଦେଖିଲେ। କିନ୍ତୁ ଠିକ ସେହି ସମୟରେ ସେ ପୁଅ ଘରୁ ବାହାରି ଆସି କଣ ତାକୁ ଇଂଲିଶରେ କହିଲା ଯେ ସେ କୁକୁରଟା ବି ତା ଜାଗାରେ ଯାଇ ବସି ପଡ଼ିଲା। ମୋର ସେତେବେଳେ ଠିକ ମନେ ପଡ଼ିଲା ମୋ ସାଙ୍ଗ ଥରେ କହୁଥିଲା ଆମ ସେରିଲର ମାନେ ସେ କୁକୁରର ଜଣେ ଟିଉସନ ସାର ଆସୁଛନ୍ତି। ଯାହା ହେଉ ଏତକ ଇଂଲିଶ ପାଠ ପଢେଇ କି ଯାଇଛନ୍ତି ବୋଧେ। ହଁ ପାଞ୍ଚ ହଜାର ଟଙ୍କା ଲେଖା ମାସକୁ ନେଉଥିଲେ ସେ ସାର, ବୋଲି କହୁଥିଲା। ହଉ ଯାହାର ପଇସା ଅଧିକା ହେଲା ସେମାନେ ଦେଲେ, ଆମର ଅସୁବିଧା କଣ ଯେମିତି କଥାରେ ଅଛି, ତେଲ ମୁଣ୍ଡରୁ ବଳିଲେ କଣ ଆଉ କରିବେ, ସେହି ଭଳିଆ କଥା।

ସୋଫାରେ ଯାଇ ବସିବା ପରେ ତାଙ୍କ ଘରେ କାମ କରୁଥିବା ସ୍ତ୍ରୀଲୋକଟି କଫି ଆଉ ଥଣ୍ଡା ପାଣି ଆଣି ପାଖରେ ମୋର ରଖିଲା। ଆମେ ଯେହେତୁ ଗାଁରେ ବଢିଛୁ ତେଣୁ ସନ୍ଧ୍ୟାରେ ଟିକେ ନାଲି ଚା ପିଇବା ଅଭ୍ୟାସ। ଯେତେ ଆସି ସହରରେ ରହିଲେ ବି ସେ ଗାଉଁଲି ଅଭ୍ୟାସ କୁଆଡୁ ଛାଡିବ। କଫି ମୁ ପିଏନି କହି ଥଣ୍ଡା ପାଣି ଗ୍ଲାସଟା ଏକା ଥରେ ପି ଦେଲି।

ଆମ ଦୁଇ ସାଙ୍ଗଙ୍କ ଭିତରେ କିଛି ସମୟ କଥା ହେବା ପରେ ପୁଅକୁ ବୁଝେଇବା ଛଳରେ କହିଲି ପୁଅ ତୁ ଏତେ ବାଟ ଯିବୁ କାହିଁକି ଆମର ଏଠାରେ ସବୁ ପାଠର ସୁବିଧା ଅଛି, ତାପରେ ତୁ ପଳେଇଲେ ତୋ ବାବା ମାମା ଏକା ହୋଇଯିବେରେ , ନା ମ କୁକୁରଟା ଅଛି ଆଣ୍ଟି ତାଙ୍କର ଟାଇମ ପାସ ହୋଇଯିବ। ନାରେ ପୁଅ ଏମତି କଣ ସବୁ ହୁଏ। ହଁ ଆଣ୍ଟି ମୁଁ ତ ପାଠ ପଢି ସେହି ପଟେ ବୋଧେ ଚାକିରୀ କରିବି। କାରଣ ଏଠିକା ପଇସା ମୋତେ ପୋସେଇବନି। ଆଉ ସେମାନେ ଯଦି ରିଟାୟର୍ଡ ପରେ ଯାଇ ମୋ ପାଖରେ ରହିବେ, ନ ରହିବେ, ତାଙ୍କ ଇଚ୍ଛା। ନଚେତ ଆପଣ କଣ ଜାଣିନାହାନ୍ତି ଏବେ ସବୁ ବୃଦ୍ଧା ଅବସ୍ଥାରେ ରହିବା ପାଇଁ ବିଭିନ୍ନ ପ୍ରକାର ବିଳାସପୂର୍ଣ୍ଣ ଘରର ଅଭାବ ନାହିଁ ଆମ ଭୁବନେଶ୍ୱରରେ। ସବୁ ସୁବିଧା ମିଳିପାରିବ ସେଠାରେ। ଲୋକମାନେ ସେଠାରେ ଅଛନ୍ତି ସବୁ ଖବର ବୁଝିବେ, ରୋଷେଇଠାରୁ ଆରମ୍ଭ କରି ବଜାର ବୁଲାଇ ନେବା ପର୍ଯ୍ୟନ୍ତ। ତା ଭିତରେ ମନୋରଞ୍ଜନଠାରୁ ଆରମ୍ଭ କରି ମେଡ଼ିକାଲ ସୁବିଧା ପର୍ଯ୍ୟନ୍ତ ସବୁ ରହିଛି। ତା କଥା ଶୁଣି ଲାଗିଲା ଏହି ବିଷୟରେ ଆଗୁଆ ରିସର୍ଚ୍ଚ କରିଛି ବୋଧେ ସେ ପୁଅ। ଆଉ ତାକୁ କଣ ଅଧିକା କହିବି, ମୁଁ ଧୀର ସ୍ୱରରେ କହିଲି ନାହିଁରେ ପୁଅ ମୁଁ ଏ ସବୁ ବିଷୟରେ ଅବଗତ ନାହିଁ। ଆମେ ତ ଗାଁରେ ଜନ୍ମ ଗାଁ ସଂସ୍କାର ଆଉ ବାପା ମାଙ୍କ ପାଖରେ ରହିବା ତାଙ୍କ ଶେଷ ସମୟରେ ତାଙ୍କୁ କିପରି ଖୁସିରେ ରଖିବା ଏହା ହିଁ ଆମେ ଶିକ୍ଷା ପାଇଛୁ। କିଛି ଦିନ ସହରରେ ରହିଲେ ମଧ୍ୟ ଆମ ମଧ୍ୟରେ ଟିକେ ବି ସହରି ଛାପା ଲାଗୁନାହିଁ।

ହଁ ବୁଝିଲି ସମସ୍ତେ ସମାନ ନୁଁହନ୍ତି। ନିଜ ହାତ ଚାପୁଡ଼ା ଯେପରି ନିଜ ଗାଲରେ ଢାଏ ଢାଏ ବାଜିଲା, ଅନୁଭବ କଲି ଆମେ ଆମ ନିଜ ମନର ଚିନ୍ତାଧାରାକୁ କାହା ଉପରେ ଲଦି ଦେବା ଠିକ ହେବ ନାହିଁ। ସେମାନେ ଯେପରି ସଂସ୍କାରରେ ବଢ଼ିଛନ୍ତି ସେମିତି କାର୍ଯ୍ୟ କରିବେ। ଅନୁଭବ କଲି ବାପା ମାଆ ଦୁଇ ଜଣ ସବୁ ବିଦେଶୀ ରଙ୍ଗ ଢଙ୍ଗ ଆଚାର ବ୍ୟବହାର ତା ମୁଣ୍ଡରେ ଭର୍ତ୍ତି କରିଛନ୍ତି। ତାର କେଉଁଠୁ ଏହି ମାତୃଭୂମି ପ୍ରତି ଏତେ ମମତା ଆସିବ। ପିତାମାତା ହିସାବରେ କହିବା ଦରକାର ଆମରି ଦେଶର ବୈଜ୍ଞାନିକ ମାନଙ୍କ ଦ୍ୱାରା ଚନ୍ଦ୍ରାୟନ ୩ ସଫଳତାର ସହ ଯାଇ ଚନ୍ଦ୍ରର ଉତ୍ତର ମେରୁରେ ଅବସ୍ଥାପନା କରିଛି। ଇସ୍ରୋର ବୈଜ୍ଞାନିକ ମାନଙ୍କ ଦ୍ୱାରା ହୋଇଥିବା ସଫଳତା ରେ ଆମ ଓଡ଼ିଶାର କିଛି ଲୋକଙ୍କ ଅବଦାନ ମଧ୍ୟ କମ ନାହିଁ। ବଡ ବଡ ବୈଜ୍ଞାନିକ, ଇଞ୍ଜିନିୟର, ଡାକ୍ତର ସବୁ ଏଥି ହୋଇପାରୁଛନ୍ତି।

ସାମ୍ପ୍ରତିକ ପରିପ୍ରେକ୍ଷୀରେ ଅନୁଧ୍ୟାନ କଲେ ଏଥିରୁ ସ୍ପଷ୍ଟ ଜଣାପଡୁଛି, ପିଲାମାନଙ୍କର ସଂସ୍କାରର ଅଭାବ। ବଡ ସ୍କୁଲରେ ପାଠ ପଢାଇବା ସହ ନୈତିକତା ତ ନିଶ୍ଚିତ ଆବଶ୍ୟକ। ଯାହା ଆମେ ବାପା ମା ଦେବା ଉଚିତ। ବର୍ତ୍ତମାନର ପିଲା ମାନଙ୍କ ଜୀବନ ଶୈଳୀ ତ ଭିନ୍ନ। କାରଣ ଏହି ଯେ, ଯେ ଉଚ୍ଚ ଶିକ୍ଷିତ ପିତା ମାତା ମାନେ ତାଙ୍କ ନିଜ ପିତାମାତାଙ୍କୁ ପାଖକୁ ଆଣି ରଖି ବାକୁ ବିଲକୁଲ ଚାହୁଁ ନାହାଁନ୍ତି, ତେଣୁ ଛୁଆମାନେ ଯତ୍ନ ନେବା କେଉଁଠୁ କଣ ବା ଆଉ ଶିଖିବେ।

ଆଜି କାଲି ପିଲାମାନେ ଗୁରୁଜନ ମାନଙ୍କର ଉପଦେଶ ବା ଅପ୍ରିୟ ସତ୍ୟ ଶୁଣିବାକୁ ଆଉ ଇଚ୍ଛା କରୁନାହାନ୍ତି। ଏତେ ବଡ ବଡ ସ୍କୁଲ କଲେଜରେ ପାଠ ପଢି ଲାଭ କଣ। ଏହି ସବୁ ଘଟଣା କାହିଁକି ଘଟୁଛି। ପିଲାମାନଙ୍କର ମାନସିକତା ବଦଳାଇବା ପାଇଁ ଗୋଟେ ସ୍ଥାୟୀ ସମାଧାନ ଦରକାର। ସଂସ୍କୃତିର ଇତିହାସରେ ଭାରତୀୟ ସଂସ୍କୃତି ର ଏକ ମହତ୍ୱପୂର୍ଣ୍ଣ ସ୍ଥାନ ରହିଛି। ଆମ ସଂସ୍କୃତି କଳା, ଆଦର୍ଶ, ବିଚାର ବିଶ୍ୱାସ ଯାହା ଶିକ୍ଷା ଦେଲେ ପ୍ରାଥମିକ ସ୍ତରରୁ ତାକୁ ଶୃଙ୍ଖଳିତ କରିହେବ। କବି ଗଙ୍ଗାଧର ମେହେର ଯଥାର୍ଥରେ କହିଥିଲେ,

'ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ଆଗେ ନିଜ ମାତୃଭାଷା',

ବିଦେଶ ମାୟାରେ ବାୟା ହୋଇଥିବା ପିତାଙ୍କୁ ମୋର ଏତିକି ଅନୁରୋଧ , ପଶ୍ଚାତ୍ୟର କ୍ଷତିକାରକ ଦିଗ ଗୁଡିକ ପ୍ରତି ଲକ୍ଷକରି ଆଗରୁ ସଚେତନ ହେବା ଆବଶ୍ୟକ। ଯେଉଁ ପ୍ରଭାବ ତାଙ୍କ ପିଲାଙ୍କୁ ନଷ୍ଟ କରିଦେବ।

ସ୍ମରଣ କରିବାକୁ ହେବ -
ମାତୃଭୂମି ମାତୃଭାଷା ଉଭୟ ଜନନୀ
ସେବ ତାଙ୍କୁ ଭକ୍ତିଭରେ ଦିବସ ରଜନୀ,

ତେଣୁ ଏସବୁ ପ୍ରତି ପ୍ରଥମରୁ ଧ୍ୟାନ ଦେବା ଉଚିତ। ଖାଲି ମେଞ୍ଚେ ପଇସା ରୋଜଗାର କରିବାର ମନ ବୃତ୍ତିକୁ ଦୁରେଇ, ସମାଜ ପାଇଁ ଦେଶ ପାଇଁ ଜଣେ ଭଲ ମଣିଷ କିପରି ହୋଇ ପାରିବ, ଏହା ଚିନ୍ତା କରିବା ଆବଶ୍ୟକ। ଶୃଙ୍ଖଳିତ ବାଟରେ ପିଲାକୁ ନେଲେ ସେ ନିଶ୍ଚିତ ଆମ ସ୍ୱପ୍ନକୁ ପୁରଣ କରିବ। ଜଣେ ସୁପୁତ୍ର ଭାବରେ ଭବିଷ୍ୟତରେ ବାପା ମାଙ୍କ ସେବା ସହ ନିଜର କର୍ତ୍ତବ୍ୟ ନିଶ୍ଚିତ କରି ପାରିବ। ଆମ ଦେଶର ମଧ୍ୟ ନାଁ ରଖି ପାରିବ।

+ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫

ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ତ୍ରିପାଦମୋହିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା

॥ ଭାଗ-୨୬(ଖ) ॥
(ପୂର୍ବ ପ୍ରକାଶିତ ଉତ୍ତାରୁ)

ଭାରତ ରେ ଏମାନେ ଅସୁର ନାମରେ ପରିଚିତ ଥିଲେ। ପିତା ଅବା ମାତାଙ୍କ ମଧ୍ୟରୁ କେହି ଜଣେ ରାକ୍ଷସ ବଂଶର ଥିଲେ ସନ୍ତାନ ମଧ୍ୟ ରାକ୍ଷସ ଭାବେ ଗଣା ଯାଉଥିଲା। ବେଳେ ବେଳେ ଅଭିଶାପ ପ୍ରାପ୍ତ୍ ହୋଇ ଆର୍ଯ୍ୟ ମାନେ ମଧ୍ୟ ରାକ୍ଷସ ଜୀବନ ଯାପନ କରୁଥିଲେ। ଏମାନେ ସନାତନ ଧର୍ମ କୁ ସ୍ୱୀକାର କରୁ ନଥିଲେ। ଏମାନେ ଆର୍ଯ୍ୟ ମାନଙ୍କର ଯଜ୍ଞ କାର୍ଯ୍ୟରେ ସର୍ବଦା ବାଧା, ବିଘ୍ନ ସୃଷ୍ଟି କରୁ ଥିଲେ ଏବଂ କାର୍ଯ୍ୟ ଅନୁଷ୍ଠାନ ମାନଙ୍କରେ ମଳ, ମୂତ୍ର , ରକ୍ତ, ମାଂସ ଆଦି ପକାଇ ଓସେମାନଙ୍କୁ ଭୟଭୀତ କରି, ବାଧା ସୃଷ୍ଟି କରୁଥିଲେ। ତେଣୁ ଦେବତା ଓ ମାନବ କ୍ଷମାନେ ଏମାନଙ୍କୁ ସମୁଦ୍ର ମଧ୍ୟସ୍ଥ ଦ୍ୱୀପ ମାନଙ୍କୁ ବିତାଡିତ କରିଥିଲେ। ଏହି ଦ୍ୱୀପ ଗୁଡିକୁ ସେମାନେ ପାତାଳ ବୋଲି କହୁଥିଲେ। ସେମାନେ ସମୁଦ୍ରର ମତ୍ସ୍ୟ ଓ

ଅନ୍ୟାନ୍ୟ ସାମୁଦ୍ରିକ ଜୀବ,ପ୍ରାଣୀ ଏବଂମଣିଷ ମାନଙ୍କୁ ଭକ୍ଷଣ କରୁଥିଲେ। ମଣିଷ ମାଂସକୁ ଏମାନେ ମହାମାଂସ ବୋଲି କହୁଥିଲେ। ଦ୍ୱୀପ ମଧ୍ୟରେ ସ୍ଥାୟୀ ହେବା ପରେ ଏମାନେ ସମୃଦ୍ଧି ଶାଳୀ ତଥା ବାହ୍ୟ ବିଜ୍ଞାନ ରେ ଅତି ପାରଦର୍ଶୀ ହୋଇଥିଲେ । ଦେବତାଙ୍କଠାରୁ ଆର୍ଯ୍ୟମାନେ ସୃଷ୍ଟି ହୋଇ ଥିଲେ ଏବଂ ସେମାନେ ଆର୍ଯ୍ୟମାନଙ୍କ ସପକ୍ଷରେ ଥିଲେ।

ପ୍ରଳୟାନ୍ତ ପୃଥିବୀ। କ୍ଷୀର ସାଗର ବା (କ୍ଷୀର ସାଗର ସମ୍ପର୍କ ରେ ଅନୁଧ୍ୟାନ କଲେ ଜଣା ଯାଏ ଯେ, ଏହି କ୍ଷୀର ସାଗର କ୍ରଉଁଚ ଦ୍ୱୀପକୁ ବେଷ୍ଟନ କରିହିଲା।ଏହି କ୍ରଉଁଚ ଦ୍ୱୀପ ରେ ଆର୍ଯ୍ୟାକା ନାମକ ନଦୀ ପ୍ରବାହିତ ହେଉଥିଲା। ଉତ୍ତର ଆମେରିକାକୁ କ୍ରଉଁଚ ଦ୍ୱୀପ ବୋଲି କୁହାଯାଏ। ଏଠାରେ କ୍ଷୀର ସାଗର ଅଛି। ଏଠାରେ କ୍ରଉଁଚ ନାମକ ସ୍ଥାନ ଅଛି। ମହାଭାରତ ଓ ରାମାୟଣ ଅନୁସାରେ ଭାରତର ନାଗାଲାଣ୍ଡରେ କୁନ୍ତୀଙ୍କର ପ୍ରପିତାମହ ଆର୍ଯ୍ୟକ ବାସ କରୁଥିବା ତଥା ଏଠାରେ କ୍ରଉଁଚ ନାମକ ସ୍ଥାନ ଥିବା ଜଣାଯାଏ। ବଙ୍ଗଳା ଦେଶ ରେ ଏକ କ୍ଷୀର ରଙ୍ଗର ଦୁଧ ନଦୀ ପ୍ରବାହିତ ହେଉଅଛି । ପୁନଶ୍ଚ କର୍ଣ୍ଣାଟକରେ ଏକ କ୍ରଉଁଚ ପର୍ବତ ଅଛି। ଏହା ନିକଟରେ ପୟସ୍ୱିନୀ ନଦୀ ପ୍ରବାହିତ ହେଉଅଛି। ଆରବ ସାଗର କୁଳରେ ଏକ କ୍ଷୀର ଝରଣା ଅଛି। ଭାଗବତ ଅନୁସାରେ ଚିତ୍ରକୁଟ ପର୍ବତ ନିକଟରେ ଏକ କ୍ଷୀର ସାଗର ଥିବାର ଲେଖା ଅଛି। କୃଷ୍ଣ ସାଗରକୁ ମଧ୍ୟ କ୍ଷୀର ସାଗର ବୋଲି କୁହା ଯାଉଛି। ପୁନଶ୍ଚ ଭାଗବତ ଅନୁସାରେ ଏହି ଜନ ଲୋକରେ କ୍ଷୀର ସାଗର ମଧ୍ୟରେ ଶ୍ୱେତ ଦ୍ୱୀପ ରେ ଭଗବାନ ଅନନ୍ତ ଶୟନ କରି ଅଛନ୍ତି। ଆମେରିକାରେ ଏକ ବାଲି ପାହାଡ ଅଛି। ଧୂଆଁଧାର ଜଳ ପ୍ରପାତ ମଧ୍ୟ ଦୁଧ ପରି ଦେଖା ଯାଏ ଓ ଏହା ମାର୍ବଲ ଉପରେ ପ୍ରବାହିତ। ତୁର୍କୀରେ ପ୍ରାୟ ଆର୍ଯ୍ୟ କା ନାମରେ ଏକ ନଦୀ ଅଛି। ଅନ୍ୟ ଏକ ହ୍ୱାଇଟ ଆଇଲ୍ୟାଣ୍ଡ ଅଛି। କିନ୍ତୁ, ଏହା ଆଗ୍ନେୟ ଗିରିରେ ପୂର୍ଣ୍ଣ। କିନ୍ତୁ ସାଗର ମାନଙ୍କ ମଧ୍ୟରେ ଆର୍କଟିକ ସାଗର ହିଁ କେବଳ ଦୁଧ ବର୍ଣ୍ଣ ଅଟେ। ଏହା ସତ ଯେ ଦୀର୍ଘ ବର୍ଷ ମଧ୍ୟରେ ଭାଗବତରେ ବର୍ଣ୍ଣିତ ଭୁଗୋଳର ପରି ବର୍ତ୍ତନ ହୋଇ ଯାଇଛି ଓ କେତେକ ସ୍ଥାନ ନିଶ୍ଚିହ୍ନ ହୋଇ ଯାଇଛି। ମୋ ମତରେ କ୍ରଉଞ୍ଚି ଦ୍ୱୀପ ଅରୁଣା ଚଳ ପ୍ରଦେଶ ଆଦିଠାରୁ ଆମେରିକା ପର୍ଯ୍ୟନ୍ତ ବିସ୍ତୃତ ଏବଂ ଯୁକ୍ ଥିଲା। ହୁଏତ ସମୁଦ୍ରରେ ସୁନାମୀର ଜଳ ପୂର୍ବ ଏସିଆକୁ ଜଳ ମଗ୍ନ କରି ଥିଲା। ଅଧିକନ୍ତୁ ସପ୍ତ ସିନ୍ଧୁ ଅଞ୍ଚଳରେ ଆକାଶ ନଦୀ ସୃଷ୍ଟି ହୋଇ କିମ୍ବା ପ୍ରବଳ ବାଦଲ ଫଟା ବର୍ଷା ହୋଇ ସମସ୍ତ ନଦୀରେ ପ୍ରବଳ ବନ୍ୟା ଆସିଥିଲା। ସେହି ସମୟ ରେ ହିରଣାକ୍ଷ କାଶ୍ମୀରରେ ବାସ କରୁଥିବା ଦେବତା ମାନଙ୍କୁ ଜଳ ମଗ୍ନ କରି ମାରିବା ପାଇଁ ଏକ ସୁଚିନ୍ତିତ ଉପାୟ ସ୍ଥିର କଲା।

(କ୍ରମଶଃ)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

ଆବଶ୍ୟକତା ବନାମ ଲୋଭ

ସମ୍ପର୍କର ରଙ୍ଗ

ଶ୍ୱେତା ରାଉତ୍

ଜୀବନକୁ ସରସ ସୁନ୍ଦର କରିବାକୁ ଆମକୁ ଅନେକ କିଛିର ଆବଶ୍ୟକତା ଥାଏ। ଆବଶ୍ୟକତା ପୂରଣ କରିବା ପଛରେ ମଣିଷ ଅହରହ ଧାଉଁଥାଏ। ଶାନ୍ତି ପାଇଁ ଅର୍ଥ ଉପାର୍ଜନ କରେ ସତ, ହେଲେ ଅର୍ଥ ଗୋଟେଇବାକୁ ଯାଇ ଶାନ୍ତିକୁ ହଜେଇଦିଏ। ଏଥିପାଇଁ ସେ ବ୍ୟକ୍ତି କେବଳ ଏକା ଦାୟୀ ନୁହେଁ, ତାର ପରିବାର ଓ ସମ୍ପର୍କ ମାନେ ଦାୟୀ, କାରଣ ମାତ୍ରାଧିକ ଆବଶ୍ୟକତାର ଚିଠା ବ୍ୟକ୍ତିକୁ ବାଧ୍ୟ କରେ ଶାନ୍ତି ଛାଡ଼ି ଅର୍ଥ ପଛରେ ଧାଇଁବାକୁ। ଆବଶ୍ୟକତା ରହିବା ସ୍ୱାଭାବିକ, କିନ୍ତୁ ଆବଶ୍ୟକତା ଯେତେବେଳେ ଲୋଭର ରୂପ ନିଏ, ତାକୁ ନିୟନ୍ତ୍ରଣାଧୀନ କରିବା ଅସମ୍ଭବ ହୋଇପଡେ।

ଇଚ୍ଛା ସମସ୍ତଙ୍କ ଭିତରେ ସାକାର ହେବାକୁ ଚାହେଁ। କିନ୍ତୁ ଇଚ୍ଛା ସବୁବେଳେ ସାକାର ନହେବା ବି ବ୍ୟକ୍ତି ପାଇଁ ଶୁଭପ୍ରଦ ହୋଇଥାଏ, କାରଣ ଇଚ୍ଛା ଯେତେ ଯେତେ ପୂରଣ ହୋଇଚାଲେ, ବ୍ୟକ୍ତି ଭିତରେ ଅଭାବ ସେତେ ବଢିଚାଲେ। ଗୋଟେ ଇଚ୍ଛା ପୂରଣ ହେଲେ, ଆଉ ଗୋଟେ ଅଭାବ, ଇଚ୍ଛା ରୂପରେ ଜନ୍ମନିଏ। ତାକୁ ପୂରଣ କରିବା ଭିତରେ ବ୍ୟକ୍ତି ନିଜର ମୌଳିକ ଗୁଣ, ସ୍ୱଭାବ, ସଂସ୍କାର ସବୁ ହରେଇ ସାରିଥାଏ, କିନ୍ତୁ ତଥାପି ସେ ସୁଖୀ ହୋଇପାରେ ନାହିଁ।

ଜଣେ ସ୍ୱାମୀ ତାଙ୍କ ସ୍ତ୍ରୀର ଆବଶ୍ୟକତା ବୁଝି ସ୍ତ୍ରୀକୁ ଖୁସିରେ ବଜାର ବୁଲାଇବାକୁ ନେଉଛନ୍ତି ଏବଂ ଲୁଗାଟିଏ କିଣି ଦେଉଛନ୍ତି, ସ୍ତ୍ରୀ ସେଇ ଖଣ୍ଡେ ଲୁଗାରେ ଖୁବ୍ ଖୁସି ହେଉଛନ୍ତି, ସେତେବେଳେ ସେ ମୁହୂର୍ତ୍ତ ନିଶ୍ଚିତ ଭାବେ ଆନନ୍ଦର ମୁହୂର୍ତ୍ତ ହେବ,କାରଣ ଦୁହେଁ ଆବଶ୍ୟକତା ପାଇଁ ବା ପରସ୍ପରର ଶ୍ରଦ୍ଧାକୁ ବୁଝିଛନ୍ତି ବୋଲି କୁହାଯିବ। କିନ୍ତୁ ଯେତେବେଳେ ସ୍ୱାମୀ ନିଜ ରୋଜଗାର ଅନୁଯାୟୀ ଖୁସିରେ ସ୍ତ୍ରୀ ପାଇଁ ଖଣ୍ଡେ ଲୁଗା କିଣିବାକୁ ସାଙ୍ଗରେ ନେଇ ବଜାର ଯାଉଛନ୍ତି ଓ ସ୍ତ୍ରୀ ବଜାରରେ ପହଞ୍ଚି ସ୍ୱାମୀ ପକେଟ୍ ଓ ପରିସ୍ଥିତି କଥା ନବୁଝି ଦାମୀକା ଶାଢୀ ବାଛୁଛନ୍ତି ଓ କିଣିବାକୁ ଜିଦି କରୁଛନ୍ତି,ଏଭଳି ପରିସ୍ଥିତିକୁ ଶ୍ରଦ୍ଧା ନୁହେଁ ବରଂ ଲୋଭ ବୋଲି କୁହାଯିବ। ଯେଉଁଠି ପରସ୍ପରର ପରିସ୍ଥିତି ବୁଝିବାକୁ ହୃଦୟ ନାହିଁ, ସେଠି ସମ୍ପର୍କର ମିଠାପଣ ଆସିବ କୋଉଠୁ! କେବଳ ସ୍ୱାମୀ ସ୍ତ୍ରୀ ନୁହନ୍ତି ନିଜର ଆବଶ୍ୟକତା ଠାରୁ ଅଧିକ ଲୋଭ ରଖିଲେ ସବୁ ସମ୍ପର୍କ ଭିତରେ ତିକ୍ତତା ରହିବା ସ୍ୱଭାବିକ। ସେ ସ୍ୱାମୀର ଅବସ୍ଥା କଣ ହେଉଥିବ ଭାବିଲେ, ଯେତେବେଳେ ପକେଟରେ ୫୦୦ ଟଙ୍କା ଥିବାବେଳେ ସ୍ତ୍ରୀ ୫୦,୦୦୦ ଟଙ୍କାର ଜିନିଷ କିଣିବାକୁ ଜିଦ୍ କରୁଥିବ, ନ ଦେଇ ପାରିଲେ ରାସ୍ତା ମଝିରେ ବି ଅପଦସ୍ତ କରି ଗାଳି ଦେଉଥିବେ ସ୍ତ୍ରୀ। ସ୍ୱାମୀର ସ୍ୱଭାବ ଯେତେ ଭଲ ଥାଉନା କାହିଁକି ଅର୍ଥ ଖର୍ଚ୍ଚ କରି ନପାରିଲେ ସ୍ତ୍ରୀ ଆଖିରେ ସେ ସମ୍ପୂର୍ଣ୍ଣ ଅଯୋଗ୍ୟ ଓ ବିଫଳ ମଣିଷ ମନେ ହୁଅନ୍ତି।

ଜୀବନରେ ସଫଳତା କେବେ ଅର୍ଥରେ ଆସେ ନାହିଁ। ଅର୍ଥ ଦେଇ କେବଳ ଆରାମ କିଣିହୁଏ, ଆସବାବ କିଣି ହୁଏ, ଆତ୍ମ ସନ୍ତୋଷ କିଣି ହୁଏନାହିଁ। ସମ୍ପର୍କ ଭିତରେ ଅର୍ଥର ଲୋଭ ରହିଲେ ଜୀବନ ହିଁ ବିଫଳ ହୋଇଯାଏ। ବଞ୍ଚିବା ଗୋଟେ କଳା। ବଞ୍ଚିବା ପାଇଁ ଆବଶ୍ୟକତା ପୂରଣ ହେବା ଉଚିତ୍ କିନ୍ତୁ ଆବଶ୍ୟକତା କେବେ ଲୋଭ ନହେଉ, କାରଣ ଲୋଭ କେବେ ହୃଦୟକୁ ତୃପ୍ତି ଦିଏନାହିଁ, କେବଳ ଲାଭ କ୍ଷତିର ହିସାବ କରେ। ହିସାବରେ ଜୀବନ ଚାଲେନାହିଁ, ଜୀବନ ପାଇଁ ହୃଦୟ ଲୋଡା। ଭଲ ହୃଦୟଟିଏ ଥିଲେ ଭଲ ଜୀବନ ଗଢି ହୋଇଥାଏ।

+ରାଉତ କମ୍ପ୍ଲେକ୍ସ, କଟକ ରୋଡ, ଲକ୍ଷ୍ମୀସାଗର, ଭୁବନେଶ୍ୱର
(ମୋ)୯୪୩୯୭୨୬୦୬୦

ଆଜିର କବିତା

ଈଶ୍ୱରଙ୍କୁ ମିନତି

ସୁଷମା ପରିଜା

ହେ ଈଶ୍ୱର !
ଏବେ ତୁମେ ନାରୀ ଗଢିବା ବନ୍ଦ କର।
ଖୁବ୍ ହେଇଗଲା ତୁମର ସୃଷ୍ଟି
ଆଜି କାଲି ତ' ନିତି ନିତି
ପ୍ରଭାତ ର ପ୍ରଥମ ସୂର୍ଯ୍ୟ କିରଣ
ଆସିବା ଆଗରୁ ଆସିଯାଏ
ବେଶ୍ କିଛି ନଷ୍ଟ ଖବର ।
କେବେ ଆଠମାସର
ଶିଶୁ କନ୍ୟା ବଳାତ୍କାର
ତ କେବେ ଅଷ୍ଟମ ଶ୍ରେଣୀ
ଛାତ୍ରୀର ମାତୃତ୍ୱ,
କେବେ ପିପିଲି ତ କେବେ
କୁନ୍ଦୁଲି , କେବେ
ବାର ବର୍ଷର ନାବାଳିକାକୁ ଗଣ ଦୁଷ୍କର୍ମ ,
କୋଉଠି ବାପାର ପାପରେ
କନ୍ୟା ପିଡିତା,
କୋଉଠି ସୁରକ୍ଷା ଆଶ୍ରମରେ ବ୍ୟଭିଚାର,
କୋଉଠି ଧର୍ମ ନାମରେ ଯୌନ ଶୋଷଣ,
କଢିଟିଏ ଫୁଲ ହୋଇ ଫୁଟିବା ଆଗରୁ
ଭୁଲୁଣ୍ଠିତ ହୁଏ କାହାର
ରାକ୍ଷସୀ କ୍ଷୁଧାରେ,
ଗଗନ ରେ ବିଷ, ପବନରେ ବିଷ

କେନ୍ଦ୍ରାପଡ଼ା ଅନୁସୁଚିତ ଜାତି କଂଗ୍ରେସର ବୈଟକ

କେନ୍ଦ୍ରାପଡ଼ା, ୨୦/୧୨ (ନି.ପ୍ର): ଗରାପୁର କଂଗ୍ରେସ କାର୍ଯ୍ୟାଳୟ ଠାରେ କେନ୍ଦ୍ରାପଡ଼ା ବ୍ଲକ ଅନୁସୂଚୀତ ଜାତି ବିଭାଗର ଏକ ବୈଠକ ଏହାର ବ୍ଲକ ସଭାପତି ପ୍ରଭାତ କୁମାର ଉଡାଣସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଯୋଗଦେଇ ଦଳିତ ବର୍ଗର ସାମୁହିକ କଲ୍ୟାଣ ପାଇଁ କଂଗ୍ରେସ ନୀରବଛିନ ଭାବରେ ସଂଗ୍ରାମ କରିଚାଲିଛି । ରାଜ୍ୟ ସରକାର ଦଳିତ ନିର୍ଯାତନା ନିୟନ୍ତ୍ରଣ ତଥା ଉଚ୍ଚଶିକ୍ଷା ନିମନ୍ତେ ମହାବିଦ୍ୟାଳୟମାନଙ୍କରେ ଲୋକସଂଖ୍ୟା ଅନୁପାତରେ ସ୍ଥାନ ସଂରକ୍ଷଣ ଦେବାରେ ବିଫଳ ହେଉଥିବାରୁ ସେ ଉଦବେଗ ପ୍ରକାଶ କରିଥିଲେ । କଂଗ୍ରେସ ସରକାର ଆସିଲେ ଅନୁସୁଚିତ ଜାତି, ଅନୁସୁଚୀତ ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ମାନଙ୍କୁ ଉପଯୁକ୍ତ ନ୍ୟାୟ ମିଳିବବୋଲି ଘୋଷଣା କରିଥିଲେ । ଆଲୋଚନାରେ ଭାଗନେଇ ଦଳିତ ନେତାମାନେ ଦଳିତ ବର୍ଗର ସମର୍ଥନ ବୃଦ୍ଧିକରି ଗଣେଶ୍ୱର ବେହେରାଙ୍କ "ଆମେ ବିଧାନସଭା ଯିବା"ର ଆହ୍ୱାନ ସଫଳ କରିବାକୁ ଶପଥ ଗ୍ରହଣ କରିଥିଲେ । ଏହି ବୈଠକରେ ନିମ୍ନ ମତେ ଦୁଇ ଗୋଟି ପ୍ରସ୍ତାବ ପାରିତ ହୋଇଥିଲା । ୮୨ ଜଣ ବିରୋଧି ଇଣ୍ଡିଆ ମେଂଟର ଅଗଣତାନ୍ତ୍ରିକ ଭାବେ ସାଂସଦ ମାନଙ୍କ ନିଳମ୍ବନ ଆଦେଶ ପ୍ରତ୍ୟାହାର ପାଇଁ ଦାବୀ କରାଯାଇଥିଲା । ଆସନ୍ତାକାଲି ଇଣ୍ଡିଆ ମେଂଟର କଂଗ୍ରେସ, ସିପିଆଇ, ସିପିଏମ୍ ଓ ଆପ୍ ତରଫରୁ ମିଳିତ ଭାବେ ଏକ ସ୍ମାରକ ପତ୍ର ମହାମହୀମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରିବାକୁ ସିଦ୍ଧାନ୍ତ ନିଆଯାଇଥିଲା । କେନ୍ଦ୍ରାପଡା ବ୍ଲକ କଂଗ୍ରେସ ଅନୁସୂଚୀତ ଜାତି ବିଭାଗର ଏକ ସମ୍ମିଳନୀ ଆସନ୍ତା ଡିସେମ୍ବର ୨୭ ତାରିଖରେ ଆୟୋଜନ ପାଇଁ ମଧ୍ୟ ନିଷ୍ପତି ହୋଇଥିଲା । ଅନୁସୂଚୀତ ଜାତି ବିଭାଗର ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ ଦାସ, ଚିତ୍ରସେନ ପରିଡା, ରତିକାନ୍ତ ସାମଲ, ପୂର୍ବତନ ବ୍ଲକ ଅଧକ୍ଷ କଳାକାର ମଲ୍ଲିକ, ଦଳିତ ନେତା କୃଷ୍ଣଚନ୍ଦ୍ର ମଲ୍ଲିକ, ଅନିରୁଦ୍ଧ ମଲ୍ଲିକ, ଗୌତମ ମଲ୍ଲିକ, ପିତାମ୍ବର ଜେନା, ସୁଧିର ଜେନା, ନୃସିଂହ ସେଠୀ, ପୂର୍ବତନ ସରପଂଚ ପ୍ରସନ୍ନ କୁମାର ମଲ୍ଲିକ, ପୂର୍ବତନ ସରପଂଚ ବାବାଜୀ ଚରଣ ମଲ୍ଲିକ, ଦଳିତନେତା ପ୍ରକାଶ ଚନ୍ଦ୍ର ଜେନା, ଏକାଦଶୀ ମଲ୍ଲିକ, ଜଗନ୍ନାଥ ସେଠୀ,ନରେଶ ଚନ୍ଦ୍ର ଜେନା, ସୂର୍ଯ୍ୟକାନ୍ତ ମଲ୍ଲିକ ଓ ଜିଲ୍ଲା ଯୁବ କଂଗ୍ରେସର ଉପସଭାପତି ତଥା ଦଳିତ ଯୁବନେତା ହିମାଂଶୁ ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ଅନ୍ଧାରରେ ରହୁଛନ୍ତି ରୋଗୀ

ଚମ୍ପୁଆ, ୨୦/୧୨ (ନି.ପ୍ର): ରୋଗୀଙ୍କ ପାଇଁ ଯୋଜନା ଉପରେ ଯୋଜନା, ଲକ୍ଷେ ଯୋଜନା । ରୋଗୀ କଲ୍ୟାଣ ଯୋଜନା ଠାରୁ ଆରମ୍ଭ କରି ବିଭିନ୍ନ ଯୋଜନାରେ ସରକାର ଯୋଗାଇ ଦେଉଛନ୍ତି କୋଟି କୋଟି ଟଙ୍କା । ମାତ୍ର ଚମ୍ପୁଆ ଉପଖଣ୍ଡ ଡ଼ାକ୍ତରଖାନାରେ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ରୋଗୀ ବହୁ ସୁବିଧା ସୁଯୋଗ ରୁ ବଂଚିତ ହେବା ଅଭିଯୋଗ ହେଉଛି । ଚମ୍ପୁଆ ଉପଖଣ୍ଡ ଡ଼ାକ୍ତରଖାନା ଉପରେ କେନ୍ଦୁଝର ଜିଲ୍ଲାର ଯୋଡ଼ା, ଚମ୍ପୁଆ, ଝୁମ୍ପୁରା ବ୍ଲକ ସହିତ ଝାଡ଼ଖଣ୍ଡ ଓ ମୟୂରଭଞ୍ଜ ର ହଜାର ହଜାର ଲୋକ ନିର୍ଭର କରିଥାନ୍ତି । ମାତ୍ର ଏଠାରେ କର୍ମଚାରୀ ଓ ଅଧିକାରୀଙ୍କ ଅବହେଳାରୁ ରୋଗୀ ବହୁ ସୁବିଧାରୁ ବଂଚିତ ହେବା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଥିବା ଜଣାପଡିଛି । ଗତ କାଲି ଚମ୍ପୁଆ ଅଂଚଳରେ ହାତୀ ଉପଦ୍ରବ ପାଇଁ ବିଦ୍ୟୁତ ସରବରାହ ବନ୍ଦ ରହିଥିବା ବେଳେ ଚମ୍ପୁଆ ଉପଖଣ୍ଡ ଡ଼ାକ୍ତରଖାନାରେ ସମସ୍ତ ସୁବିଧା ସତ୍ତ୍ୱେ ରୋଗୀ ରାତିସାରା ଅନ୍ଧାରରେ ରହିବା ଦେଖିବାକୁ ମିଳିଛି । ଡାକ୍ତରଖାନାରେ ଜରୁରୀକାଳୀନ ସେବା ପାଇଁ ଡିଜି ଓ ଇନଭେଟର ସୁବିଧା ଥାଇ ମଧ୍ୟ ଜାଣିଶୁଣି ରୋଗୀଙ୍କୁ ଅନ୍ଧାରରେ ରଖା ଯାଇଥିବା ଅଭିଯୋଗ ହୋଇଛି । ଯାହା ପାଇଁ ରାତି ସାରା ରୋଗୀ ଅନ୍ଧାରରେ ହନ୍ତସନ୍ତ ହୋଇଥିବା ବେଳେ ଏଥିପ୍ରତି ଅଧିକାରୀ ମଧ୍ୟ ଗୁରୁତ୍ୱ ଦେଇ ନ ଥିଲେ । ତେବେ ଲାଇନ ଗଲେ ଗତକାଲି ଯେ ପ୍ରଥମ ଥର ପାଇଁ ରୋଗୀ ହନ୍ତସନ୍ତ ହେବା ଘଟଣା ଘଟିଛି ତାହା ନୁହେଁ, ଏହି ପରି ସବୁବେଳେ ଲାଇନ କଟିଲେ ରୋଗୀଙ୍କୁ ଅନ୍ଧାରରେ ରଖିବା ଏକ ନିତିଦିନିଆ ଘଟଣା ହୋଇ ସାରିଛି । ଯାହାକୁ ନେଇ ଦିନକୁ ଦିନ ଅସନ୍ତୋଷ ପୁଞ୍ଜିଭୁତ ହେଉଛି । ତେବେ ଏହାକୁ ନେଇ ବିଦ୍ୟୁତ ମରାମତି କାର୍ଯ୍ୟରେ ନିୟୋଜିତ ଜନୈକ କର୍ମଚାରୀ ଙ୍କୁ ଯୋଗାଯୋଗ କରିବା ପରେ ସେ ଇନଭେଟର ଚାଲୁଥିବା ଭାବି ଡିଜି ଚଳାଇ ନ ଥିବା ସଫେଇ ଦେଇଥିବା ବେଳେ ଉପଖଣ୍ଡ ଡ଼ାକ୍ତରଖାନା ଅଧିକାରୀ ଉମାକାନ୍ତ ସାହୁଙ୍କୁ ଯୋଗାଯୋଗ କରିବାରୁ ସମସ୍ତ ସୁବିଧା ଥିବା ସତ୍ତ୍ୱେ କାହିଁକି ରୋଗୀ ଅନ୍ଧାରରେ ରହିଲେ ତାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଫେଇ ଦେଇଛନ୍ତି ।

କେନ୍ଦ୍ରାପଡା ସାନ୍ଧ୍ୟ ମହା ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା

କେନ୍ଦ୍ରାପଡ଼ା, ୨୦/୧୨ (ନି.ପ୍ର): କେନ୍ଦ୍ରାପଡ଼ା ସହର ସଂଲଗ୍ନ ତିନିମୁହାଣୀ ସ୍ଥିତ ସାନ୍ଧ୍ୟ ସ୍ନାତକ ମହା ବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଚାଲୁରହିଛି । କଲେଜ ଅଧକ୍ଷା ଆଦ୍ୟାରଶ୍ମି ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ କ୍ରୀଡା ଦୌଡ, ଜାବିଲିନ ଥ୍ରୋ, ଲମ୍ବ ଡିଆଁ, ଡିସକସ୍, ସଟଫୁଟ, କ୍ୟାରମ, ଚେସ୍, କବାଡି, ବ୍ୟାଟ୍‌ମିଂଟନ ଆଦି ଖେଳ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡାରେ ଅଂଶ ଗ୍ରହଣ କରିଥିଲେ । ଏହି କ୍ରୀଡ଼ାରେ ନୋଡାଲ ଅଫିସର ଦାୟିତ୍ୱରେ ରୁକ୍ମଣୀ ସାହୁ, ପ୍ରଶାନ୍ତ ବେହେରା ପ୍ରମୁଖ ପରିଚାଳନା କରିଥିଲେ । ଡ଼ଃ ମନୋରଂଜନ ରାଉତ, ଗିରିଜାକାନ୍ତ ଦାସ, ଅଶୋକ ମଲିକ, କିଷାନ ନିମାଇଁ ପ୍ରମୁଖ ସହାୟତା କରିଥିଲେ । କଲେଜ ନୋଡାଲ ଅଫିସର ଅଧିକାରୀ ଶିଶିରକାନ୍ତ ମହାପାତ୍ର କାର୍ଯ୍ୟ ପରିଚାଳନା କରିଥିଲେ ।

ମଣ୍ଡି ଖୋଲିବାରେ ବିଳମ୍ବ: ଉପଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରିଙ୍କୁ ଘେରାଉ କଲେ ଚାଷି

ଜୟପୁର, ୨୦/୧୨ (ନି.ପ୍ର): ମଣ୍ଡି ଆରମ୍ଭ ହୋଇନଥିବା ବେଳେ ମିଲରେ ଶହ ଶହ କ୍ୱିଣ୍ଟାଲ ଧାନ ଗଚ୍ଛିତ ହୋଇଛି । ଏଣୁ ସେଠାରେ ଚଢଉ କରିବାକୁ ଦାବୀ କରିବା ସହ ଖରିଫ ଧାନ ମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବାରୁ ଆଜି ଜୟପୁର ଉପ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରିଙ୍କୁ ଘେରାଉ କଲେ ଚାଷି । କୃଷକ କଲ୍ୟାଣ ମଂଚ କୋରାପୁଟ ଜିଲା ଶାଖା ତରଫରୁ ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଘେରାଉ କରିଥିବା ବେଳେ ତୁରନ୍ତ ମଣ୍ଡି ଖୋଲିବା ଦାବିରେ ଧାରଣା ଦେଇଥିଲେ ଚାଷି । ଗତ ୧୪ ତାରିଖରେ ମଣ୍ଡି ଖୋଲିବା ପାଇଁ ଜିଲା ସ୍ତରିୟ ବୈଠକରେ ନିଷ୍ପତି ହୋଇଥିଲା । କିନ୍ତୁ, ଏହି ନିଷ୍ପତି ପ୍ରକାରେ ପ୍ରଶାସନ ଧାନ ମଣ୍ଡି ଖୋଲି ନଥିବାରୁ ଚାଷି ମାନେ ଆଜି ଉପ ଜିଲାପାଳ ପ୍ରଭାତ କୁମାର ପରିଡାଙ୍କୁ କାର୍ଯ୍ୟାଳୟ ବାହାରେ ଅଟକ ରଖି ଘେରାଉ କରିଥିଲେ । ବର୍ତମାନ ମଣ୍ଡି ଆରମ୍ଭ ହୋଇନଥିବା ବେଳେ ମିଲରେ ଶହ ଶହ କ୍ୱିଣ୍ଟାଲ ଧାନ ଗଚ୍ଛିତ ଅଛି । ତେଣୁ ସେଠାରେ ଚଢଉ କରିବାକୁ ଚାଷି ମାନେ ଦାବି କରିଥିଲେ । ପରେ ଉପ ଜିଲାପାଳ ଶ୍ରୀ ପରିଡା ଚାଷିଙ୍କ ସମସ୍ୟାକୁ ସେ ଗୁରୁତର ସହ ନେଇଛନ୍ତି । ଜିଲାପାଳଙ୍କ ସହ ଆଲୋଚନା କରି ତୁରନ୍ତ ମଣ୍ଡି ଖୋଲିବାକୁ ନିଷ୍ପତି ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମଂଚ ତରଫରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜୟପୁର ଉପ ଜିଲାପାଳଙ୍କ ଜରିଆରେ ୯ ଦଫା ଦାବି ପତ୍ର ପ୍ରଦାନ କରିଥିଲେ । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଯଥାଶ୍ରୀଘ୍ର ମଣ୍ଡି ନାଟକ ବନ୍ଦ କରାଯାଉ, ତୁରନ୍ତ ଚାଷିଙ୍କ ଧାନ କ୍ରୟ କରାଯିବା ବ୍ୟବସ୍ଥା କରାଯାଉ, ଧାନ ମଣ୍ଡି ଗୁଡିକ ମିଲ ମାଲିକ ଅନୁକମ୍ପା, କୃପା ଓ ଦୟାରେ ନଚାଲି ସରକାରଙ୍କ ବିକେନ୍ଦ୍ରୀକରଣ ଧାନ କ୍ରୟ ଗାଇଡ ଲାଇନ, ବିଧି ଅନୁସାରେ ଏମ.ଏସ.ପି ଦରରେ କଟନି ଛଟନି ନକରି ଧାନ କ୍ରୟ କରାଯାଉ ଓ ହ୍ୟାଣ୍ଡଲିଂ ଚାର୍ଜେସ ଖାଲି ଅଖା ଚାଷୀଙ୍କୁ ପ୍ରଦାନ କରାଯାଉ, ଯେଉଁ ଚାଷୀମାନେ ବାହାର ରାଜ୍ୟକୁ ଧାନ ବିକ୍ରୟ କରିବାକୁ ଚାହୁଁଛନ୍ତି ସେ ମାନଙ୍କ ପ୍ରତି କୌଣସି କଟକଣା ରଖାନଯାଉ, ଜିଲାର ଥିବା ସମସ୍ତ ଧାନ ମଣ୍ଡି ଗୁଡିକର ଭିତିଭୂମିର ଉନ୍ନତି କରଣ କରାଯାଉ ଆଦି ଦାବି ରହିଛି । ପରେ ଚାଷି ମାନେ ଜିଲା ଯୋଗାଣ ଅଧିକାରି ଙ୍କ କାର୍ଯ୍ୟାଳୟ କୁ ଘେରାଉ କରିଥିଲେ । ଜିଲା ଯୋଗାଣ ଅଧିକାରି ପ୍ରଦିପ କୁମାର ପଣ୍ଡାଙ୍କୁ କାର୍ଯ୍ୟାଳୟ ବାହାରେ ଘେରାଉ କରି ମଣ୍ଡି ଖୋଲିବାକୁ ଦାବି କରିଥିଲେ । ପରେ ଜିଲା ଯୋଗାଣ ଅଧିକାରି ଆସନ୍ତା ୨୨ ତାରିଖରେ ମଣ୍ଡି ଖୋଲାଯିବ ଓ ଚାଷିଙ୍କ ସମସ୍ତ ଧାନ କ୍ରୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମଂଚର ସମ୍ପାଦକ ନରେନ୍ଦ୍ର କୁମାର ପ୍ରଧାନଙ୍କ ନେତୃତ୍ୱରେ ଚାଷି ମାନେ ଘେରାଉ କରି ଧାରଣା ଦେଇଥିଲେ । ପରେ ବୋରିଗୁମ୍ପା ବ୍ଲକ ଜୁନ-୩ ଜିଲା ପରିଷଦ ସଭ୍ୟ ପିଙ୍କୁ ଶତପଥିଙ୍କ ନେତୃତ୍ୱରେ ଶତାଧିକ ଚାଷି ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡାଙ୍କ ସହ ସାକ୍ଷାତ କରିଥିଲେ । ବୋରିଗୁମ୍ପା ବ୍ଲକର ତରାଭଟ୍ଟା ଠାରେ ଆରଏମସି ଆର୍ଡର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । କିନ୍ତୁ, ଆଜି ଯାଏ ବିଦ୍ୟୁତ ସଂଯୋଗିକରଣ ହୋଇନାହିଁ, ତୁରନ୍ତ କରିବାକୁ ଦାବି କରିଛନ୍ତି । ମଣ୍ଡି ଆରମ୍ଭ ନିଷ୍ପତି ଜିଲା ପ୍ରଶାସନର ରହିଛି । ଜିଲାପାଳଙ୍କ ସହ ଆଲୋଚନା କରି ଆସନ୍ତା ସପ୍ତାହ ମଧ୍ୟରେ ମଣ୍ଡି ଖୋଲିବାକୁ ଦାବି କରିଥିଲେ ଜିଲା ପରିଷଦ ସଭ୍ୟା ଶତପଥି ।

୨ ବର୍ଷ ହେଲା ନଳକୂପ ଅଚଳ ପିଇବା ପାଣି ପାଇଁ ଗ୍ରାମବାସୀ ହନ୍ତସନ୍ତ

କେନ୍ଦ୍ରାପଡ଼ା, ୨୦/୧୨ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅଧିନ କୋର ପଂଚାୟତ କୋର ଗ୍ରାମରେ ଥିବା ନିୟଦାରୁ ଠାକୁରାଣୀଙ୍କ ପୀଠ ନିକଟରେ ଥିବା ନଳକୂପ ଟି-୨ ବର୍ଷରୁ ଅଧିକ ହେଲା ଅଚଳ ହୋଇ ପଡିଥିବା ବେଳେ ଗ୍ରାମୀଣ ଜଳ ଯୋଗାଣ ସଂସ୍ଥା କୌଣସି ପ୍ରତିକାର କରୁ ନଥିବାରୁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ରେ ଅଭିଯୋଗ କରି ତୁରନ୍ତ ନଳକୂପ ମରାମତି କରିବା ପାଇଁ ଦାବି କରିଛନ୍ତି । ଏହି ପୀଠରେ ବର୍ଷ ସାରା ବିଭିନ୍ନ ଧାର୍ମିକ ଓ ସାମାଜିକ କାର୍ଯ୍ୟକ୍ରମ ହୋଇ ଆସୁଥିବାବେଳେ ଏଠାରେ ଥିବା ଏକମାତ୍ର ଗଭୀର ନଳକୂପ ଉପରେ ନିର୍ଭର କରି ଗ୍ରାମର ଲୋକେ ଓ ଶ୍ରଦ୍ଧାଳୁମାନେ ପାନୀୟ ଜଳ ପାଇଥାନ୍ତି । ତାହା ୨ ବର୍ଷ ହେବ ଅଚଳ ହୋଇଥିଲେ ମଧ୍ୟ ବିଭାଗ କୌଣସି ପ୍ରତିକାର କରୁନାହିଁ । ଫଳରେ ଗ୍ରାମାବସୀମାନେ ଟୋପାଏ ପିଇବା ପାଣି ପାଇଁ ନାନା ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏହାକୁ ମରାମତି କିମ୍ବା ନୂତନ ନଳକୂପ ସ୍ଥାପନ କରି ପାନୀୟ ଜଳ ସମସ୍ୟା ସମାଧାନ କରିବା ପାଇଁ ପୂର୍ବତନ ସରପଂଚ ଭରତ ଚନ୍ଦ୍ର ଦାସ, ଭାବଗ୍ରାହୀ ସେଠୀ, କାଳନ୍ଦୀ ସେଠୀ ପ୍ରମୁଖ ଜିଲ୍ଲାପାଳଙ୍କ ଆବସିକ କାର୍ଯ୍ୟାଳୟରେ ଅବିଯୋଗ କରିଥିବା ଜଣାପଡ଼ିଛି ।

ବରିଷ୍ଠ ନାଗରିକ ମାନଙ୍କୁ ଆଶା ବାଡ଼ି ବଂଟନ

ପୁରୀ , ୨୦/୧୨ (ନି.ପ୍ର): ବରିଷ୍ଠ ନାଗରିକ ମାନେ ପରିବାର, ରାଜ୍ୟ ଓ ଦେଶ ପାଇଁ ସମ୍ବଳ । ସେମାନଙ୍କୁ ଉପଯୁକ୍ତ ସମ୍ମାନ ସହ ସୁରକ୍ଷା ଓ ଯତ୍ନ ଆମ ସମସ୍ତଙ୍କ ର କର୍ତବ୍ୟ ବୋଲି କହିଛନ୍ତି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା । ମାଟିଆପଡା ସ୍ଥିତ ରଘୁନାଥ କଲ୍ୟାଣ ମଣ୍ଡପ ଠାରେ ଆଜି ଅପରାହ୍ନରେ ନୀଳାଚଳ ବରିଷ୍ଠ ନାଗରିକ ମଂଚ ପକ୍ଷରୁ ବରିଷ୍ଠ ନାଗରିକ ମାନଙ୍କୁ ଆଶା ବାଡ଼ି ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଯୋଗ ଦେଇ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ମହାରଣା ବରିଷ୍ଠ ନାଗରିକ ମାନଙ୍କ ପାଇଁ ସରକାର ବିବିଧ ଯୋଜନା ପ୍ରଣୟନ କରିଛନ୍ତି । ସେମାନ ଙ୍କୁ ପରିଚୟ ପତ୍ର ପ୍ରଦାନ, ବାର୍ଦ୍ଧକ୍ୟ ଭତା,ବରିଷ୍ଠ ନାଗରିକଙ୍କୁ ଆଶା ବାଡ଼ି, ଟ୍ରାଇ ସାଇକେଲ ଇତ୍ୟାଦି ଆବଶ୍ୟକୀୟ ଉପକରଣ ପ୍ରଦାନ କରାଯାଉଛି ବୋଲି କହିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗ ଦେଇ ବିଭିନ୍ନଗଳ୍ପ ଓ ଉଦାହରଣ ଛଳରେ ବରିଷ୍ଠ ନାଗରିକ ମାନଙ୍କ ଅନୁଭବ, ଅଭିଜ୍ଞତା ଏବଂ ଜ୍ଞାନ ସର୍ବଦା ସମାଜର ମାର୍ଗଦର୍ଶନରେ ସହାୟକ ହୋଇଥାଏ ବୋଲି କହିଥିଲେ । ମଂଚର ସଭାପତି ବୀରେନ୍ଦ୍ର ଭୂଷଣ ହୋତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପ ସଭାପତି ଦୂର୍ଗା ମାଧବ ମହାପାତ୍ର, ସମ୍ପାଦକ ପ୍ରସନ୍ନ କୁମାର ଶତପଥୀ, କୋଷାଧକ୍ଷ ଅଜୟ କୁମାର ଦୀକ୍ଷିତ, ପରାମର୍ଶ ଦାତା ରମେଶ ମହାନ୍ତି, ବ୍ରଜ କିଶୋର ପଟ୍ଟନାୟକ, ସଦସ୍ୟ ରବିନ୍ଦ୍ର ଦୋରା, ଡା ମନମୋହନ ରାଉତ, ବିଦୁଲତା ଆଚାର୍ଯ୍ୟ, ଦେବେନ୍ଦ୍ର ମହାନ୍ତି, ହରିହର ପାଢ଼ୀ, ନିରୁପମା ମହାନ୍ତି, ସରସ୍ୱତୀ ହୋତା, ବୁଦ୍ଧିଆ ମୁଦୁଲି ଓ ପୂର୍ବତନ କାଉନସିଲର ଲକ୍ଷ୍ମୀଧର ସାହୁ ପ୍ରମୁଖ ବରିଷ୍ଠ ନାଗରିକ ମାନଙ୍କ ଆବଶ୍ୟକତା, ସମସ୍ୟା ,ସୁରକ୍ଷା ଓ ସହାୟତା ସମ୍ପର୍କରେ ଆଲୋକପାତ କରିଥିଲେ ।

୧୯ବର୍ଷ ବୟସରୁ କମ୍ ବୟସ କ୍ରିକେଟ ଟୁର୍ଣ୍ଣାମେଂଟ ଟ୍ରଫି ଅନାବରଣ

ଧର୍ମଶାଳା, ୨୦/୧୨ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ହାଜିରହିମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଚଳିତ ବର୍ଷ ୧୯ ବର୍ଷରୁ କମ୍ ବୟସର ଖେଳାଳିଙ୍କୁ ନେଇ ଏକ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହେବ । ଏ ନେଇ ଆଜି ଆନୁଷ୍ଠାନିକଭାବେ ଟ୍ରଫି ଅନାବାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଟୁର୍ଣ୍ଣାମେଂଟ ମୁଖ୍ୟ ପରିଚାଳକ ମଂଟୁ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବ୍ରହ୍ମବରଦା ସରପଂଚ ମମତା ଶୁଭଦର୍ଶନୀ ଦେଓ ଯୋଗ ଦେଇ ଟ୍ରଫିକୁ ଅନାବରଣ କରିଥିଲେ । ଶିଶୁ କ୍ରୀଡାବିତ୍‌ଙ୍କ ପ୍ରତିଭା ବିକାଶ ଓ ନୂତନ ଖେଳାଳୀଙ୍କ ଅନ୍ୱେଷଣ କରିବା ଶହି ଟୁର୍ଣ୍ଣାମେଂଟର ମୂଳ ଲକ୍ଷ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବ୍ରହ୍ମବରଦା ସମିତିସଭ୍ୟା ରୁକସାନା ପରଓ୍ୱିନ,ସାମାଜିକ କର୍ମୀ ପ୍ରଫୁଲ୍ଲ ଗିରି,ଖେଳ ଶିକ୍ଷକ ଦେଶବନ୍ଧୁ ଗିରି,ଯୁବନେତା ଜୁଲଫିକର ଅଲ୍ଲୀ,ଅନୱର ଖାଁନ,ଭାଷ୍ୟକାର ବିରେଶ ମହାନ୍ତି,ସନ୍ତୋଷ କୁମାର ପାଢୀ, ଫିରୋଜ ଖାଁନ, ଇଲେଭେନଷ୍ଟାର ଟିମ୍ର ଅଧିନାୟକ ଦୀପକ କୁମାର ଜେନା,ଉପ-ଅଧିନାୟକ ମୃତ୍ୟୁଞ୍ଜୟ ପଲେଇ, କେଡିଏମ ଟିମ୍ ପ୍ରଶିକ୍ଷକ ଶିବସୁନ୍ଦର ଦାସ,ଅଧିନାୟକ ସୌମ୍ୟ ରଂଜନ ସାହୁ.ଉପ-ଅଧିନାୟକ ସ୍ୱରୂପ ଦାସ, ବିଏମସିସି ଗୋଳକୁଣ୍ଡ ଟିମ୍ର କୋଚ ଶରତ କୁମାର ଜେନା, ଅଧିନାୟକ ଦୃର୍ଗାମାଧବ ବେହେରା ବ୍ରହ୍ମବରଦା ଟିମ ଅଧିନାୟକ ନାସିରୁଦ୍ଧିନ ଖାଁନ,ଉପ-ଅଧିନାୟକ ଶୁଭମ ରାଉତ,ବରିଷ୍ଠ ଖେଳାଳୀ ସୌମ୍ୟ ରଂଜନ ରାଉତ,ଓ୍ୱାସିମ ମହମ୍ମଦ,ମାରୁଫ୍ ଖାଁନ,ଫରହାନ ଖାଁନ,ଆକାଶ ଓଝା,ରୁଦ୍ର ପ୍ରତାପ ଦାସ,ମହମ୍ମଦ ଆଶିଫ,ଜଲ୍ଲୁଲ ମହମ୍ମଦ ଓ ଆଶିଷ ସାମଲ ପ୍ରମୁଖ ଉପସ୍ଥିତ ରହି ଖେଳାଳୀମାନଙ୍କୁ ଉତ୍ସାହିତ କରିବା ସହ ଏହି ଟୁର୍ଣ୍ଣାମେଂଟକୁ ସଫଳ କରିବା ପାଇଁ ସଙ୍କଳ୍ପ ନେଇ ଥିଲେ । ଏହି ଟୁର୍ଣ୍ଣାମେଂଟରେ ଚଳିତ ବର୍ଷ କେଡିଏମ୍ ଟିମ୍ ଜାରକା, ଇଲେଭେନଷ୍ଟାର ଯାଜପୁର ଟାଉନ , ବିଏମସିସି ଗୋଳକୁଣ୍ଡ ଓ ଘରୋଇ ଦଳଭାବେ ବ୍ରହ୍ମବରଦା ଟିମ୍ ଅଂଶ ଗ୍ରହଣ କରିବେ ବୋଲି ଟୁର୍ଣ୍ଣାମେଂଟ ପରିଚାଳକ ମଂଟୁ ଦାସ ସୂଚନା ଦେଇଛନ୍ତି ।

ସରକାରୀ ମହାବିଦ୍ୟାଳୟ ବଲାଙ୍ଗୀରରେ ନୂଆ- ଓ ଉତ୍ସବ ଉଦ୍‌ଯାପିତ

ବଲାଙ୍ଗୀର, ୨୦/୧୨ (ନି.ପ୍ର): ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ବଲାଙ୍ଗିର ଠାରେ ନୂଆ - ଓ ଉତ୍ସବ ଅନୁଷ୍ଠିତ ହୋଯାଇଅଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ କଳିକେଶ ନାରାୟଣ ସିଂଦେଓ ପିଲାଙ୍କ ଯୋଗଦାନ ସମାଜର ଉନ୍ନତିରେ ସହାୟକ ହେବ ସହ ଶାରୀରିକ ଭାବେ ସୁସ୍ଥ ରହିବା ପାଇଁ କ୍ର

ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଦିଲ୍ଲୀ ବାସଭବନର ଗୃହପ୍ରବେଶ

ନୂଆଦିଲ୍ଲୀ, ୨୦/୧୨ : ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଝାଟିମାଟି ବାଉଁଶରେ ନିର୍ମିତ ବାସଭବନର ଗୃହପ୍ରବେଶ ଆଜି ଅତ୍ୟନ୍ତ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। ବୈଦିକ ମତରେ ହୋମଯଜ୍ଞ ପୂଜାର୍ଚ୍ଚନା ପରେ ଆଗତ ଅତିଥିମାନଙ୍କ ସହିତ ଗୃହ ପ୍ରବେଶ କରିଥିଲେ। ଓଡ଼ିଶାର ସମସ୍ତ ବିଧାୟକ ଓ ସାଂସଦଙ୍କ ସମେତ ମନ୍ତ୍ରୀ ମଣ୍ଡଳର ଅନେକ ମନ୍ତ୍ରୀ ସାଂସଦଙ୍କ ନୂତନ ଗୃହରେ ପଦାର୍ପଣ କରି ଶୁଭେଚ୍ଛା ଜଣାଇଥିଲେ। ଦିଲ୍ଲୀ ଭଳି ଚାକଚକ୍ୟ ଭରା ଆଧୁନିକ ସଦରରେ ଏଭଳି ଏକ ପ୍ରାକୃତିକ ପରିବେଶ ଅନୁକୂଳ ଘରକୁ ସମସ୍ତେ ବେଶ୍ ପସନ୍ଦ କରିଛନ୍ତି। ଏହି ଅବସରରେ ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ସମସ୍ତଙ୍କୁ ମଧ୍ୟାହ୍ନ ଭୋଜନରେ ଆପାୟିତ କରିବା ସହିତ ନିମନ୍ତ୍ରଣ ରକ୍ଷାକରି ଉପସ୍ଥିତ ହୋଇଥିବାରୁ କୃତଜ୍ଞତା ଜଣାଇଥିଲେ।

କଲେଜ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଅଣଦେଖା ପରେ ସାଂସଦଙ୍କୁ ଭେଟି ଦାବି ଜଣାଇଲେ ଛାତ୍ରଛାତ୍ରୀ

ଖୋର୍ଦ୍ଧା, ୨୦/୧୨ (ନି.ପ୍ର):ସ୍ଥାନୀୟ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖ ୧୬ ନମ୍ବର ଜାତୀୟ ରାଜପଥରେ ପାଦଚଲା ଓଭରବ୍ରିଜ ନିର୍ମାଣ ନିମନ୍ତେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଛାତ୍ର ଛାତ୍ରୀ ଭେଟି ଦାବି ଉପସ୍ଥାପନ କରିଛନ୍ତି । ମହାବିଦ୍ୟାଳୟରେ ପ୍ରାୟ ୭ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି ଅନେକ ଛାତ୍ରୀଛାତ୍ର ଖୋର୍ଦ୍ଧା ଆଖପାଖ ଅଂଚଳ ଭୁବନେଶ୍ୱର, ଯାଁଳା, ଜଟଣୀ, ଟାଙ୍ଗୀ, ବାଘମାରୀ, ବେଗୁନିଆ, ବୋଲଗଡ ଆଦି ସ୍ଥାନରୁ ବସ୍ ରେ ଆସିଥାନ୍ତି । କଲେଜକୁ ଯିବାଆସିବା ପାଇଁ ରାଜପଥ ପାରି ହେବାକୁ ପଡିଥାଏ । ବିପଦସଙ୍କୁଳ ଅବସ୍ଥାରେ ରାଜପଥର ଏପଟ ପାର୍ଶ୍ୱରୁ ସେପଟ ପାର୍ଶ୍ୱକୁ ଯାତାୟାତ କରିଥାନ୍ତି । ଅନେକ ସମୟରେ ଛାତ୍ରଛାତ୍ରୀ ଦୁର୍ଘଟଣାର ଶିକାର ହୋଇଥିବା ନଜିର ରହିଛି । ଏପରି କି ଯାନବାହନ ଯାତାୟାତ ଯୋଗୁ ରାସ୍ତା ପାର ହେବାକୁ ଛାତ୍ରଛାତ୍ରୀ ଦୀର୍ଘ ସମୟ ଅପେକ୍ଷା କରିଥାନ୍ତି । ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ କଲେଜ ସମ୍ମୁଖରେ ଫୁଟ ଓଭରବ୍ରିଜ ଆବଶ୍ୟକ ରହିଥିବା ବେଳେ ପ୍ରଶାସନ ପକ୍ଷରୁ ଏହାକୁ ଅଣଦେଖା କରାଯାଇଛି । ପୂର୍ବରୁ କଲେଜ ସମ୍ମୁଖରେ ପିଲାଙ୍କ ସୁବିଧା ଦୃଷ୍ଟିରୁ ଏକ ପାଦଚଲା ଓଭରବ୍ରିଜ ନିର୍ମାଣ ପାଇଁ ଜିଲା ପ୍ରଶାସନ ନିକଟରେ ଦାବି କରାଯାଇଥିଲା, କଲେଜ କର୍ତ୍ତୃପକ୍ଷଙ୍କଠାରୁ ପ୍ରଶାସନ, ଜନପ୍ରତିନିଧିଙ୍କ ନିକଟରେ ବାରମ୍ବାର ଦାବି ସତ୍ତ୍ୱେ ଗୁରୁତ୍ୱ ଦିଆନଯିବାରୁ, କ୍ୟାମ୍ପସରେ ଦସ୍ତଖତ ଅଭିଯାନ କରିବା ପରେ ପ୍ରାୟ ୧୨୦୦ ଶହ ରୁ ଊର୍ଦ୍ଧ୍ୱ ଦସ୍ତଖତ ସହ ସାଂସଦଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏହାର ନେତୃତ୍ୱ ଶୋଭନ ରାଉତରାୟ, ରାଜେନ୍ଦ୍ର ପ୍ରଧାନ ଓ ଦଧିବାମନ ଦାସ ନେଉଥିବା ବେଳେ ସାଗର ଜେନା, ଓମ୍ ଚିନ୍ମୟ ଶକ୍ତି, ପ୍ରଗତି ବାରିକ, ଜୟଶ୍ରୀ ପ୍ରିୟଦର୍ଶିନୀ, ସାବିତ୍ରୀ ଗୁମନ୍ ସିଂ, ବିଶ୍ୱଜିତ୍ ନାୟକ ଓ ସୌମ୍ୟ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଦୁଇ ଦିନିଆ ସର୍ବଭାରତୀୟ ପାରମ୍ପରିକ ଯୋଗାସନ ପ୍ରତିଯୋଗୀତା

ବାରିପଦା , ୨୦/୧୨ (ନି.ପ୍ର): ସ୍ଥାନୀୟ ବାରିପଦା ସହିଦ ସ୍ମୃତି ଭବନରେ ପୁରି ର ମହାଶକ୍ତି ଗାୟତ୍ରୀ ଚାରିଟେବୁଲ ଟ୍ରଷ୍ଟ ତରଫରୁ ଦୁଇ ଦିନିଆ ସର୍ବଭାରତୀୟ ପାରମ୍ପରିକ ଯୋଗାସନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ମହାବିଦ୍ୟାଳୟର କ୍ରୀଡା କାଉନସିଲ ସମ୍ପାଦକ ଡ. ପ୍ରଭଞ୍ଜନ ମଲ୍ଲିକ ଓ ସମ୍ମାନୀତ ଅତିଥି ଭାବେ ମୟୂରଭଞ୍ଜ ଆଥେଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ପ୍ରମୁଖ ଯୋଗ ଦେଇ ଏହି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ନିମନ୍ତ୍ରିତ ଅତିଥି ଭାବେ ମୁଖ୍ୟ ଉପଦେଷ୍ଟା କୃଷ୍ଣଚନ୍ଦ୍ର ଦାସ, ମହାଶକ୍ତି ଗାୟତ୍ରୀ ଚାରିଟେବୁଲ ଟ୍ରଷ୍ଟ ସଭାପତି ପୂର୍ଣ୍ଣ ଚନ୍ଦ୍ର ମିଶ୍ର, ସାଧାରଣ ସମ୍ପାଦକ କାଳି ଚରଣ ମିଶ୍ର ଓ ସାଂସ୍କୃତିକ ସମ୍ପାଦକ ଜ୍ୟୋତି ରଞ୍ଜନ ଦାଶ ଉପସ୍ଥିତ ଥିଲେ। ୨ଦିନ ଧରି ଚାଲିଥିବା ଏହି ସର୍ବ ଭାରତୀୟ ପାରମ୍ପରିକ ଯୋଗାସନ ପ୍ରତିଯୋଗିତାରେ ଓଡିଶା ସମେତ ତାମିଲନାଡୁ ,ଝାଡ଼ଖଣ୍ଡ, ତ୍ରିପୁରା, ହାଇଦ୍ରାବାଦରେ ଓ ଆନ୍ଧ୍ରପ୍ରଦେଶ ରାଜ୍ୟରୁ ୨୦୦ ରୁ ଊର୍ଦ୍ଧ୍ୱ ପ୍ରତିଯୋଗି ଭାଗ ନେଇଥିବା ବେଳେ, ବିଚାରକ ଭାବେ ସନ୍ତୋଷ କୁମାର ବିଶ୍ୱାଳ, ନରେଶ ଗଡ଼ ତାଲା, ବିକ୍ରମ ଦେବ ନାଥ, ହିମାନି ପାତ୍ର ଓ ଅଭିଷେକ ପଣ୍ଡା ଯୋଗଦେଇଥିଲେ। ଜୁନିଅର ବିଭାଗରେ ଓଡ଼ିଶାର କ୍ରିଷ୍ଣା ଦାସ ଚମ୍ପିୟାନ, ହାଇଦ୍ରାବାଦର ମାନ୍ଦା ହାନଭିକା ପ୍ରଥମ ରନର୍ସ ଅପ ଏବଂ ଓଡ଼ିଶାର ଶାଶ୍ୱତ କୁମାର ରଞ୍ଜିତ ଦ୍ୱିତୀୟ ରନର୍ସ ଅପ ହୋଇଥିଲେ। ସିନିଅର ବିଭାଗରେ ଓଡିଶାର ଗାର୍ଗୀ ଗୀତିକା ଦାସ ଚମ୍ପିୟାନ, ଦେବାଶିଷ ବାରିକ ପ୍ରଥମ ଏବଂ ଗୌରାଙ୍ଗ ବେହେରା ଦ୍ୱିତୀୟ ରନର୍ସ ଅପ ହୋଇ ଉଦଯାପନୀ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ଙ୍କ ଦ୍ୱାରା

ପୁରସ୍କୃତ ହୋଇଥିଲେ। ଜିଲ୍ଲା କ୍ରୀଡା ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ଥିଲେ। ଏହି ଅବସରରେ ବାରିପଦା ସ୍ୱାମୀ ବିବେକାନନ୍ଦ ଯୋଗ ରିସର୍ଚ୍ଚ ସେଣ୍ଟର ଅଧକ୍ଷ ଜ୍ୟୋତି ରଞ୍ଜନ ଦାଶ ଏବଂ ଅନ୍ୟାନ୍ୟ ସଦଶ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପାରାଦୀପ ବନ୍ଦର ପଣ୍ୟ କାରବାରରେ ଆଉ ଏକ ରେକର୍ଡ ସୃଷ୍ଟି କଲା

ସମସ୍ତ ବନ୍ଦରମାନଙ୍କ ପୂର୍ବରୁ ୧୦୦ ଏମଏମଟି ପଣ୍ୟ ପରିବହନର ଇତିହାସ

ପାରାଦୀପ, ୨୦/୧୨ (ନି.ପ୍ର): କମ୍ ଅବଧି ମଧ୍ୟରେ ୧୦୦ ମେଟ୍ରିକ୍ ମିଲିୟନ୍ ଟନ୍ କାର୍ଗୋ ପରିବହନ କରି ପାରାଦୀପ ବନ୍ଦର ରେକର୍ଡ ସୃଷ୍ଟି କରିଛି। ଯାହାକି ଅନ୍ୟ ବନ୍ଦରମାନଙ୍କ ଠାରୁ ବହୁ ଆଗରେ ରହିଛି ପାରାଦୀପ ବନ୍ଦର। କ୍ରମାଗତ ଭାବେ ୭ମ ଥର ପାଇଁ ପାରାଦୀପ ବନ୍ଦର ୧୦୦ ଏମଏମ୍ଟି ପଣ୍ୟ ପରିବହନ କରି ସଫଳତମ ବନ୍ଦର ଭାବେ ପରିଚୟ ସୃଷ୍ଟି କରିଛି। ଚଳିତ ମାସ ୧୮ ତାରିଖ ସୁଦ୍ଧା ପାରାଦୀପ ବନ୍ଦର ୧୦୦.୨୮ ଏମଏମଟି ପଣ୍ୟ କାରବାର କରି ପାରିଛି। ଯାହାକି ଅନ୍ୟ ବନ୍ଦରମାନଙ୍କ ଠାରୁ ବହୁ ଆଗରେ ରହି ପାରିଛି। ୨୦୨୨-୨୩ ଆର୍ଥିକ ବର୍ଷର ଜାନୁୟାରୀ ମାସ ୯ ତାରିଖରେ ପାରାଦୀପ ବନ୍ଦର ୧୦୦ ଏମଏମଟି ପଣ୍ୟ କାରବାର

କରିଥିବା ବେଳେ ୨୦୨୩-୨୪ ଆର୍ଥିକ ବର୍ଷର ଡିସେମ୍ବର-୧୮ ତାରିଖରେ ପାରାଦୀପ ବନ୍ଦର ଏହି ରେକର୍ଡ ଅତିକ୍ରମ କରିଛି। ଯାହାକି ବିଗତ ବର୍ଷ ତୁଳନାରେ ୯.୬୪ ପ୍ରତିଶତ ଅଭିବୃଦ୍ଧି ହାର ଘଟିଛି। ଚଳିତ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ୧୪୫ ଏମଏମଟି ପଣ୍ୟ କାରବାର କରିବାର ବୃହତ ଲକ୍ଷ୍ୟ ରଖିଛି। ଏହା ଦ୍ୱାରା ବନ୍ଦର ଦେଶର ପଣ୍ୟ କାରବାର କ୍ଷେତ୍ରରେ ନୂଆ ଇତିହାସ ରଚିବାକୁ ଯାଉଛି। ଏହି ରେକର୍ଡ ସୃଷ୍ଟି କରିବା ପରେ ଅଧକ୍ଷ ପି.ଏଲ୍.ହରନାଦ ବନ୍ଦର ବିଭାଗୀୟ ମୁଖ୍ୟ, ଅଧିକାରୀ, କର୍ମଚାରୀ, ଶ୍ରମିକ, ଷ୍ଟେକ୍ ହୋଲଡରମାନଙ୍କ ଅବଦାନକୁ ପ୍ରଶଂସା କରିଛନ୍ତି। ପାରାଦୀପ ବନ୍ଦର ଦେଶର ଏକ ନମ୍ବର ବନ୍ଦର ହେବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ଅଧକ୍ଷ ଶ୍ରୀ ହରନାଦ।

ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଟେଣ୍ଡର ନୋଟିସ୍ ନମ୍ବର: **ST-OT-IPIS-11Stn 23-24**, ତାରିଖ ୧୫.୧୨.୨୦୨୩ । ଇ-ଟେଣ୍ଡରକୁ ଶ୍ରୀ ଡିଭିଜନାଲ ସିଗନାଲ୍ ଆଣ୍ଡ ଟେଲିକମ୍ ଇଞ୍ଜିନିୟର (କୋ) / ଖଡ଼ଗପୁର -୭୧୨୩୦୧, ଏସ୍। ୧୨.୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଭାରତର ରାଷ୍ଟ୍ରପତିଙ୍କ ତରଫରୁ ରେଳବାଇ । ଆଇଟମଗୁଡିକ ବିରୁଦ୍ଧରେ ଉଲ୍ଲେଖ କରାଯାଇଥିବା ତାରିଖ ଏବଂ ୧୨.୩୦ ଘଣ୍ଟାରେ ଖୋଲାଯିବ । କାର୍ଯ୍ୟଗୁଡ଼ିକର ବର୍ଣ୍ଣନା: (i) ବିଭିନ୍ନ ଯାତ୍ରୀଙ୍କ ସୁବିଧା ସାମଗ୍ରୀର ଯୋଗାଣ, ସ୍ଥାପନ, ପରୀକ୍ଷା ଏବଂ କମିଶନ । ବିଭିନ୍ନ ଷ୍ଟେସନରେ ଜିପିଏସ୍ ଘଣ୍ଟା, ଚଇ ସିଷ୍ଟମ୍, ମଲ୍ଟିଲିନ୍/ ସିଙ୍ଗଲ୍ ଲାଇନ୍ ଟ୍ରେନ୍ ସୂଚନା ପ୍ରଦର୍ଶନ ବୋର୍ଡ, ପ୍ଲାଟଫର୍ମ ଫର୍ମ ପ୍ରଦର୍ଶନ ବୋର୍ଡ, କୋର୍ ଗାଇଡ୍ ଡିସପ୍ଲେ ବୋର୍ଡ ଇତ୍ୟାଦି । ଖରାଗପୁର ଡିଭିଜନ୍ ଉପରେ ଏବଂ ରାଧା ମାଇନ୍ସ) । : ଖରାଗପୁର ଡିଭିଜନ୍ ଉପରେ ବିଭିନ୍ନ ଷ୍ଟେସନ୍ (ଜଲେଶ୍ୱର, ବସ୍ତା, ହାଲଡିପଡା, ବାଲାସୋର, ସୋରୋ, ବରିପଡା, ବାଜ୍ରିପୋସି ଏବଂ ତାମୁଲକ୍, ଘାଟିଲା, ଝାରଗ୍ରାମ ଏବଂ ରାଧା ମାଇନ୍ସ) । ଟେଣ୍ଡର ମୂଲ୍ୟ: ୧,୮୫,୭୬,୦୦୮.୦୮ଇଏମଡି: ୨,୪୨,୯୦୦ / -। ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ: ନିଲ୍ । ସମାପ୍ତି ସମୟ: ୧୦୮ ମାସ । ଦାଖଲ ତାରିଖ: ୧୨.୦୦ ଘଣ୍ଟା ପର୍ଯ୍ୟନ୍ତ । ୧୫.୦୧.୨୦୨୪ ର ଖୋଲିବାର ତାରିଖ ୧୫.୦୧.୨୦୨୪ । ଇଚ୍ଛୁକ ଟେଣ୍ଡରଗୁଡିକ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି, ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ସ୍ପେସିଫିକେସନ୍ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟଗୁଡ଼ିକ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ଟିପନ୍ତୁ: ଆଶାକର୍ମୀମାନେ ନିୟମିତ ଭାବରେ **www.ireps.gov.in** ପରିଦର୍ଶନ କରିପାରିବେ । ସମସ୍ତ ଟେଣ୍ଡରରେ ଭାଗ ନେବାକୁ ।

(PR-938)

AFFIDAVIT

An affidavit before the Notary Publlic Balasore, I, Bhaba Shankar Bhuyan, aged 56 years, S/o.Bhaskar Bhuyan, At/ P.O - Srikona, P.S. - Chandipur, Dist.- Balasore,
Declare that my actual and correct name and surname is Bhaba Shankar Bhuyan accroding to my Aadhar Card, PAN CARD and Bank Account. But mistakely my name has been mentioned in LIC policy No. 585071697 as Bhabatosh Bhuiyan instead of Bhaba Shankar Bhuyan. So both the names are one and same person. Hence forth I shall be known as Bhaba Shankar Bhuyan in all respect and all purpose.

Bhaba Shankar Bhuyan

ହନୁମାନ ମୂର୍ତ୍ତି ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ବାସୁଦେବପୁର, ୧୯/୧୨ (ନି.ପ୍ର): କଳା ମୁଗୁନି ପଥରରେ ନିର୍ମିତ ୫୭ ଫୁଟର ବିରାଟ ବଡ଼ ହନୁମାନ ମୂର୍ତ୍ତି ତିଆରି ହୋଇଛି । ବିନା ସିମେଣ୍ଟ ରେ ସମଗ୍ର ବିଶ୍ୱରେ ସବୁଠୁ ଉଚ୍ଚ ମୂର୍ତ୍ତି । ୨୦୧୫ ରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା । ବର୍ତମାନ ଏହି ମୂର୍ତ୍ତି ତିଆରି କାର୍ଯ୍ୟକ୍ରମ ର ମୁଖ୍ୟ ପୃଷ୍ଠ ପୋଷକ ହେଉଛନ୍ତି ଅମୁଲ୍ୟ ବେହେରା । ତାଙ୍କ ପିତା ଅର୍ଜୁନ ବେହେରା । ମାତା ଲୀଳାବତୀ ବେହେରା । ପତ୍ନୀ ଶୁଭଲକ୍ଷ୍ମୀ ବେହେରା, ପୁତ୍ର ଆକାଶ ବେହେରା ଓ କନ୍ୟା ଧରିତ୍ରୀ ବେହେରା । ଶ୍ରୀ ଅମୁଲ୍ୟ ବେହେରା ବର୍ତମାନ କେନିଆ ଦେଶରେ ରହି ବ୍ୟବସାୟ କରୁଛନ୍ତି । ୨୦୧୯ ରେ ମୂର୍ତ୍ତି ସମ୍ପୂର୍ଣ୍ଣ ହେଲା । ଏହି ମନ୍ଦିର ପରିସରରେ ରହିଛି ରାମ, ସୀତା, ଲକ୍ଷ୍ମଣ ଓ ଅନନ୍ତ ନାରାୟଣ ମୂର୍ତ୍ତି । ପାଖାପାଖି ୪ କୋଟି ଟଙ୍କା ଖର୍ଚ୍ଚ ହେଲାଣି । ଏହି ଟ୍ରଷ୍ଟ ଆକାଉଣ୍ଟ କୁ ଲୋକମାନେ କିଛି କିଛି ଦାନ ଦେଉଛନ୍ତି । ବାଲ୍ମୀକି ମୁନି କୁ ଆଧାର କରି ଏହି ସବୁ କାର୍ଯ୍ୟ ଚାଲିଛି । ଏହି କାର୍ଯ୍ୟ ଆଗେଇ ଚାଲିଛି ବାଲେଶ୍ୱର ଜିଲ୍ଲା ସୋର ବ୍ଲକର ବାଳଙ୍ଗ ମୁନି ପାଖରେ । ଏହି ପ୍ରତିଷ୍ଠା ଉତ୍ସବକୁ ଭାରତ ବର୍ଷର ପ୍ରିୟ ପ୍ରଧାନ ମନ୍ତ୍ରୀ ମାନନୀୟ ନରେନ୍ଦ୍ର ମୋଦି ଓ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅତିଥି ଭାବେ ଆସିବେ ବୋଲି

ଯୋଜନା ଚାଲିଛି । ଅମୁଲ୍ୟ ବେହେରା ଙ୍କ ବଡ଼ ଭାଇ ନିର୍ମଳ ବେହେରା, ସାନ ଭାଇ ଦିଲ୍ଲୀପ ବେହେରା ଙ୍କ ସହଯୋଗ ମଧ୍ୟ ରହିଛି । ଏହି ଆଧ୍ୟାତ୍ମିକ ପରିବେଶ କୁ ଆକର୍ଷଣୀୟ କରିବା ପାଇଁ ସମସ୍ତ ଙ୍କ ର ଉଦ୍ୟମ ଆବଶ୍ୟକ ବୋଲି ଶ୍ରୀ ଅମୁଲ୍ୟ ବେହେରା ଗଣ ମାଧ୍ୟମ ସାମ୍ନାରେ ପ୍ରକାଶ କରିଛନ୍ତି । ଏହି ହନୁମାନ ମୂର୍ତ୍ତି ପ୍ରତିଷ୍ଠା ଉତ୍ସବ ପାଇଁ ଆୟୋଜିତ ହୋଇଥିବା ପ୍ରସ୍ତୁତି ବୈଠକ ରେ ଯୋଗ ଦେଇଥିଲେ ବାସୁଦେବପୁର ରୁକ୍ମଣୀ ମେଡିକାଲ ଷ୍ଟୋରର ନିର୍ଦ୍ଦେଶକ କିଶୋର କୁମାର ମହାପାତ୍ର, ସାଇଶିବ ଦନ୍ତ ଚିକିତ୍ସାଳୟର ନିର୍ଦ୍ଦେଶକ ଡାକ୍ତର ରବୀନ୍ଦ୍ର ରାଉଳ, ଶିକ୍ଷାବିତ ନିତ୍ୟାନନ୍ଦ ବେହେରା, ଶିକ୍ଷକ ସନାତନ ବିଶ୍ୱାଳ, ସମାଜସେବୀ ତଥା ଆଦର୍ଶ ନାରୀ ପୁଷ୍ପାଞ୍ଜଳି ମହାପାତ୍ର, ରଙ୍ଗରାଗ ସାହିତ୍ୟ ପରିଷଦର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି । ଭଗବାନ ଙ୍କ ଆଶୀର୍ବାଦ ଓ ନିର୍ଦ୍ଦେଶ ରେ ଏହି କାର୍ଯ୍ୟ କ୍ରମ ସୁଚାରୁ ରୂପେ ସମ୍ପନ୍ନ ହେବ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

ଆଉ ରହିବନି ଆଇପିସି,...

ପାଇଁ ଜେଲ ବଦଳରେ ସମାଜ ସେବା ଭଳି ଦଣ୍ଡ ମିଳିବ। ସେହିପରି ଅପରାଧ ପାଇଁ ଲିଙ୍ଗଗତ ନିରପେକ୍ଷତା ଅବଲମ୍ବନ କରାଯିବ। ବିଲ୍‌ରେ ସାଂଘାତିକ ଅପରାଧ ପାଇଁ ପୂର୍ବରୁ ଥିବା ମୃତ୍ୟୁଦଣ୍ଡକୁ ପୂର୍ବଭଳି କାଏମ ରଖାଯାଇଛି। ଅପରାଧ ଯେଉଁଠି ଘଟିଥିଲେ ମଧ୍ୟ ଯେକୌଣସି ସ୍ଥାନରେ ଏଫଆଇଆର ରୁଜୁ କରାଯାଇ ପାରିବ। ଚେନ ଛିଣ୍ଡାଇ ନେବା ଭଳି ଘଟଣା ପାଇଁ ଦଣ୍ଡ ମିଳିବ। ଦୋଷୀକୁ ସର୍ବାଧିକ ୭ ବର୍ଷ ଯାଏ ଜେଲଦଣ୍ଡ ମିଳିପାରେ। ଘଟଣାସ୍ଥଳରେ ଫରେନ୍ସି ଟିମ ମଧ୍ୟ ଯାଞ୍ଚ କରିବ। ଯଦି କୌଣସି ଅପରାଧ ପାଇଁ କାହାକୁ ଗିରଫ କରାଯାଉଛି, ତା'ହେଲେ ତୁରନ୍ତ ଏ ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇବ। ଏଥିପାଇଁ ଜଣେ ସ୍ୱତନ୍ତ୍ର ପୁଲିସ୍ କର୍ମଚାରୀ ନିଯୁକ୍ତି ପାଇବେ। ୩ ବର୍ଷ ଯାଏ ଜେଲ ମିଳିବାକୁ ଥିବା ଅପରାଧଗୁଡ଼ିକ ଟ୍ରାଏଲ ଶୀଘ୍ର କରିବାକୁ ବ୍ୟବସ୍ଥା ହେବ। ଚାର୍ଜଫ୍ରେମ ହେବାର ୩୦ ଦିନ ମଧ୍ୟରେ ବିଚାରପତିଙ୍କୁ ଏହି ମାମଲାରେ ରାୟ ଦେବାକୁ ପଡ଼ିବ। ସାଂଗଠନିକ ଅପରାଧ ପାଇଁ କଠୋର ଦଣ୍ଡର ବ୍ୟବସ୍ଥା ରହିଛି। ମୃତ୍ୟୁର ଦଣ୍ଡକୁ ସ୍ଥିତି ଅନୁସାରେ ଆଜୀବନ ଜେଲରେ ପରିଣତ କରାଯାଇ ପାରିବ। କିନ୍ତୁ ଅପରାଧୀକୁ ସଂପୂର୍ଣ୍ଣ ଭାବେ ଖଲାସ କରାଯାଇ ପାରିବ ନାହିଁ। ଏଥିସହ ୩ ବର୍ଷ ମଧ୍ୟରେ ହିଁ ନ୍ୟାୟ ମିଳିବ।

ବୁଖାରୀ ଥିଲା ହନିଟ୍ରାପ୍ ମାଷ୍ଟର...

ଏଥିରେ ବୁଖାରୀର ହାତ ଅଛି କି ? ଏଭଳି ପ୍ରଶ୍ନର ଉତ୍ତର ସାଙ୍ଗକୁ ବୁଖାରୀଠୁ ଆହୁରି ଅଧିକ ତଥ୍ୟ ହାସଲ ପାଇଁ ତାକୁ ଘାଣ୍ଟି ଚାଲିଛନ୍ତି କ୍ରାଇମବ୍ରାଞ୍ଚ ଓ ଆଇବିର ଅଧିକାରୀ। ସେପଟେ ଆଇଟି ଏକ୍ସପର୍ଟଙ୍କ କହିବା ଅନୁସାରେ ବୁଖାରୀ ନିଜସ୍ୱ ଆପ୍ କରିଛି, ମାନେ ସେ ଆତଙ୍କବାଦର ସ୍ଲିପର ସେଲ ଭାବେ କାର୍ଯ୍ୟ କରୁଥାଇ ପାରେ। ଏହି ଆପ୍ ଜପିଆରେ ନ୍ୟୁଡ୍ କଲ କରି ରୋଜଗାର କରୁଥିବା ଅର୍ଥ ଆତଙ୍କୀ ସଂଗଠନକୁ ଦେବାର ସନ୍ଦେହ ମଧ୍ୟ କରାଯାଇପାରେ। ତଦନ୍ତକାରୀ ସଂସ୍ଥା ଏ ଦିଗରେ ଖୋଳତାଡ଼ କଲେ ନିଶ୍ଚୟ ସତ୍ୟ ପଦାକୁ ଆସିବ। ବୁଖାରୀଠାରୁ ୪ଟି ମୋବାଇଲ ଜବତ କରାଯାଇଥିବା ବେଳେ ଏହା ଭିତରୁ ଅନେକ ତଥ୍ୟ ମିଳିବାର ସମ୍ଭାବନା ରହିଛି ବୋଲି ଆଇଟି ଏକ୍ସପର୍ଟ କହିଛନ୍ତି।

୬ ନୁହେଁ, ରାଉରକେଲାରେ...

ଝାଡ଼ାବାନ୍ତି ମୃତ୍ୟୁ ସଂଖ୍ୟା ୬ ନୁହେଁ, ୧୩। ବିଶ୍ରା ଡାହାର ଅଞ୍ଚଳର ପ୍ରଣବ ସ୍ୱାଇଁଙ୍କର ରାଉରକେଲା ହାଇଟେକ୍ ହସ୍ପିଟାଲରେ ମୃତ୍ୟୁ ଘଟିଥିବା କୁହାଯାଉଛି। ସେହିପରି ଜୟ ପ୍ରକାଶ ହସ୍ପିଟାଲରେ କିଶନ ଟୋଲା ଗାଁର ବିଜୟ କିସାନଙ୍କ ମୃତ୍ୟୁ ହୋଇଛି। ଏହାଛଡ଼ା ପ୍ଲାଣ୍ଟ ସାଇଡ ଅଞ୍ଚଳର ମହମ୍ମଦ ଆସଲମ୍, ଗାନ୍ଧି ରୋଡ୍‌ର ଅତୁଲ୍ୟ କିଶାନଙ୍କ ମୃତ୍ୟୁ ରାଉରକେଲା ସରକାରୀ ହସ୍ପିଟାଲରେ ହୋଇଥିବା ଅଭିଯୋଗ ହୋଇଛି। ଅନ୍ୟ ୩ ଜଣଙ୍କ ନାଁ ମିଳିପାରି ନାହିଁ। ଝାଡ଼ାବାନ୍ତିରେ ୧୪୦୦ରୁ ଅଧିକ ଆକ୍ରାନ୍ତ ହୋଇ ବିଭିନ୍ନ ମେଡ଼ିକାଲ୍ ଓ ଘରୋଇ ଚିକିତ୍ସା ହେଉଛନ୍ତି। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ଆଜି ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ସରକାରୀ ଡାକ୍ତରଖାନା ସହ ବିଭିନ୍ନ ୱାର୍ଡ ବୁଲି ସ୍ଥିତିର ସମୀକ୍ଷା କରିଛନ୍ତି। ଘରୋଇ ହସ୍ପିଟାଲ କର୍ତ

ଗୁରୁବାର, ଡିସେମ୍ବର ୨୧, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାପୀଠର ବାର୍ଷିକ କ୍ରୀଡା ଉତ୍ସବ

ବାସୁଦେବପୁର, ୨୦/୧୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କିସ୍ମତ କୃଷ୍ଣପୁର ପଂଚାୟତର କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାପୀଠ ରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ସମ୍ପାଦକ ରାମଚନ୍ଦ୍ର ବାରିକ । ଶ୍ରୀ ବାରିକ ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କର ଭବିଷ୍ୟତ ଉଜ୍ଜଳ କାମନା କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେଶ ବେହେରା, ଖେଳ ଶିକ୍ଷକ ସୁନୀଲ ବାରିକ, ସହକାରୀ ଶିକ୍ଷକ ଶିକ୍ଷୟତ୍ରୀ ମାନସୀ ରାଣୀ ନାଥ, ପ୍ରତାପ ବାରିକ, ରାକେଶ ନାୟକ,ଲିପିକା ସେନାପତି, ବିଜୟ ଲକ୍ଷ୍ମୀ ବେହେରା, ବଳରାମ ବାରିକ,ପ୍ରଦୀପ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଏହି ଉତ୍ସବ ରେ ପ୍ରଥମ ଦିନରେ ବାର୍ଷିକ କ୍ରୀଡା ପତାକା ଉତ୍ତୋଳନ କରାଯାଇଥିଲା । ଦ୍ୱିତୀୟ ଦିବସରେ ଏହି କ୍ରୀଡା ଉତ୍ସବ ଉଦଯାପିତ ହୋଇଥିଲା । ଏହି ଅବସରରେ ନବମ ଓ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀ ମାନେ ବିଭିନ୍ନ ପ୍ରତିଯୋଗିତା ଯଥା ଲଙ୍ଗ ଜମ୍ପ, ହାଇ ଜମ୍ପ,୨୦୦ ମିଟର ଦୌଡ଼, ମ୍ୟୁଜିକ ଚେୟାର ରେ ଅଂଶ ଗ୍ରହଣ କରିଥିଲେ । ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ପିଲା ମାନଙ୍କୁ ଆଗାମୀ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ।

ସାଧାରଣ ନିର୍ବାଚନ – ୨୦୨୪ ପ୍ରସ୍ତୁତି

■ପୋଲିସ ଏବଂ ମାଜିଷ୍ଟ୍ରେଟ୍‌ଙ୍କୁ ନେଇ ପ୍ରଥମ ସମନ୍ୱୟ ବୈଠକ
■ଅବାଧ, ମୁକ୍ତ, ସ୍ୱଚ୍ଛ ନିର୍ବାଚନ ପରିଚାଳନା ଉପରେ ଗୁରୁତ୍ୱାରୋପ

ଭଦ୍ରକ, ୨୦/୧୨ (ନି.ପ୍ର): ଶାନ୍ତି ଶୃଙ୍ଖଳାର ସହିତ ଆଗାମୀ ସାଧାରଣ ନିର୍ବାଚନ ସମ୍ପାଦନ କରାଯିବା ଦିଗରେ ପୋଲିସ୍ ଓ ମାଜିଷ୍ଟ୍ରେଟ୍ ମାନଙ୍କ ଗୁରୁଦାୟିତ୍ୱ ଥିବାରୁ ସେମାନଙ୍କୁ ନେଇ ନିର୍ବାଚନୀ ପ୍ରସ୍ତୁତି ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ପ୍ରଥମେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲାପାଳ ତଥା-ଜିଲ୍ଲା ନିର୍ବାଚନ ଅଧିକାରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ ଏହି ବୈଠକରେ ଏସ୍.ପି. ବରୁଣ ଗୁଣ୍ଟୁପାଲି, ଦୁଇ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ଓ ଶାନ୍ତନୁ କୁମାର ମହାନ୍ତି, ଉପଜିଲ୍ଲାପାଳ ମନୋଜ ପାତ୍ର, ଦୁଇ ଅତିରିକ୍ତ ଏସ୍.ପି. ବାମଦେବ ସିଂ ଏବଂ ବିଜୟ ରଞ୍ଜନ କେରକେଟା ପ୍ରମୁଖ ଯୋଗ ଦେଇଥିଲେ । ନିର୍ବାଚନ ଆଚରଣ ବିଧି ଘୋଷଣା ପୂର୍ବରୁ କଡ଼ାକଡ଼ି ଭାବେ ତାହା କାର୍ଯ୍ୟକାରୀ କରିବା ପାଇଁ ଏବେଠୁ ପ୍ରସ୍ତୁତି ଓ ଯୋଜନା ଆରମ୍ଭ କରାଯିବା ନେଇ ବିଭିନ୍ନ କାର୍ଯ୍ୟସୂଚୀ ସମ୍ବନ୍ଧରେ ଜିଲ୍ଲାପାଳ ସୂଚନା ପ୍ରଦାନ କରିଥିଲେ । ଭୋଟର ତାଲିକା ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟା ଶେଷ ହେବାକୁ ଯିବା ସମ୍ବନ୍ଧରେ ମଧ୍ୟ ସୂଚନା ପ୍ରଦାନ କରିଥିଲେ । ବିଶେଷ କରି ମତଦାନ ପାଇଁ ବିଶୃଙ୍ଖଳା ସୃଷ୍ଟି ସମ୍ଭାବନା ଥିବା ଦୁର୍ବଳ ଅଞ୍ଚଳ, ବୁଥ୍ ଆଦି ଚିହ୍ନଟ କରାଯିବା ଓ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯିବା ଦିଗରେ କାର୍ଯ୍ୟାନ୍ୱୟନ ଆରମ୍ଭ କରାଯିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ଆବାଧ, ମୁକ୍ତ, ସ୍ୱଚ୍ଛ ଓ ନିରପେକ୍ଷ ଭାବେ ନିର୍ବାଚନ କାର୍ଯ୍ୟ ପରିଚାଳନା ପାଇଁ ସେକ୍ଟର ଅଫିସର୍,ପୋଲିସ ଅଫିସର, ମାଜିଷ୍ଟ୍ରେଟ ମାନଙ୍କ ଦାୟିତ୍ୱ ସମ୍ବନ୍ଧରେ ଦୃଶ୍ୟ ଫଳକ ଜରିଆରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମହାନ୍ତି ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ବିଗତ ଉପନିର୍ବାଚନ, ସାଧାରଣ ନିର୍ବାଚନ, ପୌର ଓ ଗ୍ରାମପଞ୍ଚାୟତ ନିର୍ବାଚନ ର ଅଭିଜ୍ଞତା ଓ ତଥ୍ୟ ଆଧାରରେ ପ୍ରତି ବୁଥ୍, ପ୍ରତି ସେକ୍ଟର ଆଦି ପାଇଁ ପ୍ରସ୍ତୁତି ଆରମ୍ଭ କରିବାକୁ ପରାମର୍ଶ ପ୍ରଦାନ କରାଯାଇଥିଲା । ନିର୍ବାଚନ କାର୍ଯ୍ୟ ପରିଚାଳନା ନେଇ ରୁଟ୍‌ଚାର୍ଟ ଆବଶ୍ୟକ ଯାନ, ମାନବ ସମ୍ବଳ ଆଦି ନେଇ ତାଲିକା ପ୍ରସ୍ତୁତି ପାଇଁ ପଦକ୍ଷେପ ନେବାକୁ ମଧ୍ୟ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ସି.ଟି.ଡ଼ି.ଏସ୍.ପି. ଅଂଶୁମାନ ଦ୍ୱିବେଦୀ, ଡି.ଏସ୍.ପି. ଡିଆଇବି କମଳ ଲୋଚନ ଭୂୟାଁ ପ୍ରମୁଖଙ୍କ ସହ ଜିଲ୍ଲା ପୋଲିସ୍ ବିଭାଗର ସମସ୍ତ ଏସ୍.ଡ଼ି.ପି.ଓ., ସମସ୍ତ ଆଇ.ଆଇ.ସି. ଓ ଅନ୍ୟାନ୍ୟ ସମ୍ପୃକ୍ତ ପୋଲିସ୍ ଅଧିକାରୀ ଏବଂ ମାଜିଷ୍ଟ୍ରେଟ୍ ଦାୟିତ୍ୱ ନିର୍ବାହ କରିବାକୁ ଥିବା ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ଡେପୁଟୀ କଲେକ୍ଟର ପ୍ରଭୃତି ଏହି ବୈଠକରେ ଯୋଗ ଦେଇଥିଲେ । ଡେପୁଟୀ କଲେକ୍ଟର ନିର୍ବାଚନ ସାଗରିକା ସାହୁ ଓ ସଂପୃକ୍ତ ବିଭାଗୀୟ କର୍ମଚାରୀମାନେ ଏହି ବୈଠକ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ ।

ସୀମାନ୍ତ ମହୋତ୍ସବ ଆସନ୍ତା ଡିସେମ୍ବର ୨୨ରୁ ୩୦ : ସାମ୍ବାଦିକ ସମ୍ମିଳନୀରେ ସୂଚନା

ଜଳେଶ୍ୱର , ୨୦/୧୨ (ନି.ପ୍ର): ଜଳେଶ୍ୱର ନୂଆବଜାର ତାରିଣୀ ଛକଠାରେ ସୀମାନ୍ତ ମହୋତ୍ସବ ଆସନ୍ତା ଡିସେମ୍ବର ୨୨ ତାରିଖରୁ ଆରମ୍ଭ ହେବ ବୋଲି ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କମିଟିର କର୍ମକର୍ତ୍ତାମାନେ କହିଛନ୍ତି । ଉପାନ୍ତ ଜଳେଶ୍ୱରରେ କଳା, ସଂସ୍କୃତି, ପରମ୍ପରା, ଭାଷା, ଭାଇଚାରା ବୃଦ୍ଧି କରିବା ଓ ସ୍ଥାନୀୟ କ୍ଷେତ୍ରରେ ପ୍ରତିଭାକୁ ବିକାଶ ଲାଗି ଗତ କିଛିବର୍ଷ ହେବ ସୀମାନ୍ତ ମହୋତ୍ସବ ଅନୁଷ୍ଠିତ ହୋଇ ଆସୁଛି । ଏଥିରେ ରାଜ୍ୟର ବିଭିନ୍ନ କଳାକାରମାନେ ଭାଗ ନେଉଥିବା ବେଳେ ଦେଶ, ବିଦେଶରୁ ବିଜ୍ଞ, ପ୍ରଜ୍ଞାମାନେ ଯୋଗ ଦେଇ ଏ ଅଂଚଳର ଐତିହ୍ୟ, ପରମ୍ପରା, ସଂସ୍କୃତି ସଂପର୍କରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଆସୁଛନ୍ତି । ଚଳିତବର୍ଷ ୯ଦିନ ଧରି ଚାଲିବାକୁ ଥିବା ଏହି ଉତ୍ସବକୁ ପଦ୍ମଶ୍ରୀ ଉତ୍ସବ ଚରଣ ଦାସ ଉଦ୍‌ଘାଟନ କରିବେ ବୋଲି କମିଟି ପକ୍ଷରୁ ଆଜି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି । ବିଭିନ୍ନ ଦିବସରେ ମହିଳା, ଆଦିବାସୀ, ଦିବ୍ୟାଙ୍ଗ, କୃଷକ, ସାମ୍ବାଦିକ ମାନଙ୍କ ଲାଗି ସ୍ୱତନ୍ତ୍ର ମଞ୍ଚ ଅନୁଷ୍ଠିତ ହେବାକୁ ଥିବା ବେଳେ ଚଳିତବର୍ଷ ଦୀନକୃଷ୍ଣ ଓ ଫକୀରମୋହନଙ୍କ ନାମରେ ଦୁଇଟି ମଂଚ କରାଯିବାର କାର୍ଯ୍ୟକ୍ରମ ରହିଛି । ଏଥିରେ ମୀନା ବଜାର, ଦୋଳି, ବିଭିନ୍ନ ଷ୍ଟଲ ଇତ୍ୟାଦି ରହିଥିବା ବେଳେ ପ୍ରତିଦିନ ହେବାକୁଥିବା ସାଂସ୍କୃତିକ ମଂଚକୁ ନୃତ୍ୟଗୁରୁ ସୁଶାନ୍ତ ବେହେରା ପରିଚାଳନା କରିବେ ବୋଲି କୁହାଯାଇଛି । ଆଜିର ଏହି ସମ୍ବାଦିକ ସମ୍ମିଳନୀରେ କମିଟିର ଉପଦେଷ୍ଟା କମଳା ଚକ୍ରବର୍ତ୍ତୀ, ଅଶୋକ ଦାସ, ଚିନ୍ତାମଣି ଜେନା, ପ୍ରଦୀପ ପରିଡା, ଶିବନାରାୟଣ ମହାପାତ୍ର, ମନୋରଂଜନ ଦାସ, ସୁଧୀର କର, ସୁଶାନ୍ତ ବେରା, କାର୍ଯ୍ୟକାରୀ ସଭାପତି ଦିଲ୍ଲୀପ ପରିଡା, କୋଷାଧ୍ୟକ୍ଷ ଦୁର୍ଗାଶଂକର ଭୂୟାଁ, ସହ କୋଷାଧ୍ୟକ୍ଷ ଦିପକ ସେନ୍, ଜଗଦିଶ ନନ୍ଦୀ ପ୍ରମୁଖ ଉପସ୍ଥିତ ଥିଲେ ।

ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା

ବସ୍ତା, ୨୦/୧୨ (ନି.ପ୍ର): ହଳଦୀପଦା ବିବେକାନନ୍ଦ ଶିକ୍ଷାକେନ୍ଦ୍ର ରେ ବୁଧବାର ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଅଛି । ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସମ୍ପାଦକ କ୍ଷିତିଶ କୁମାର ଜେନା ସଭାପତିତ୍ୱ ରେ ଏକ ସଭାର ଆୟୋଜନ ହୋଇଥିଲା । ମୂଖ୍ୟ ଅତିଥିଭାବେ ଓଡିଶା ଉତ୍କଳ ପରିଷଦ ସମ୍ପାଦକ ଶ୍ରୀଯୁକ୍ତ ଯୋଗେନ୍ଦ୍ର ଦାସ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଶୀତିକଣ୍ଠ ସାହୁ. ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ରତିକାନ୍ତ ଚୌଧୁରୀ ଯୋଗ ଦେଇ ଥିଲେ । ମୋଟ ୭୬ଟି ପ୍ରକଳ୍ପ ପଦର୍ଶିତ ହୋଇଥିଲା । ବିଚାରକ ଭାବେ ଇଛାପୁର ବାଳିକା ବିଦ୍ୟାଳୟର ବିଜ୍ଞାନଶିକ୍ଷକ କୃଷ୍ଣଚନ୍ଦ୍ରପୃଷ୍ଟି.ଓ ଦୌତାରୀ ଉଚ୍ଚ ଇଂରାଜୀ ବିଦ୍ୟାଳୟର ବିଜ୍ଞାନଶିକ୍ଷକ ରତ୍ନାକର ଗୋଛାୟତ ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୨୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଅବିଭାବକ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ ।

ଶିଶୁ ଉତ୍ସବରେ ରାଜ୍ୟସ୍ତରକୁ ସ୍ୱାତୀଶ୍ରୀ ସଞ୍ଚିତା ଓ ସମୀକ୍ଷା ମନୋନୀତ

ବାସୁଦେବପୁର , ୨୦/୧୨ (ନି.ପ୍ର): ଓଡିଶା ମାଧ୍ୟମିକ ଶିକ୍ଷକ ସଂଘ ଓଷ୍ଟା ପକ୍ଷରୁ ଜିଲ୍ଲା ସ୍ତରୀୟ ଶିଶୁ ଉତ୍ସବ ଲଲାଜୀ ଉଚ୍ଚ ବିଦ୍ୟାଳୟ ଅଣ୍ଡରାଇ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ରେ ବାସୁଦେବପୁର ବ୍ଲକରୁ ରାଜ୍ୟ ସ୍ତରକୁ ଦୁଇ ଜଣ ମନୋନୀତ ହୋଇଛନ୍ତି । ବାସୁଦେବପୁର ବାଳିକା ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ସ୍ୱାତୀଶ୍ରୀ ସଞ୍ଚିତା ବାରିକ ଗଳ୍ପ ଲିଖନ ରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ସ୍ତରକୁ ମନୋନୀତ ହୋଇଛନ୍ତି । ସେହିପରି ବାରାପୁର ଉଚ୍ଚ ବିଦ୍ୟାଳୟ ର ଅଷ୍ଟମ ଶ୍ରେଣୀ ଛାତ୍ରୀ ସାଇ ସମୀକ୍ଷା କର ସଂଗୀତ ବିଭାଗ ରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ସ୍ତରକୁ ମନୋନୀତ ହୋଇଛନ୍ତି । ଏଥି ପାଇଁ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ, ସାହିତ୍ୟ ଅନୁଷ୍ଠାନ, କବି ସୁଧାଂଶୁ ଶେଖର ମିଶ୍ର, ସାହିତ୍ୟିକ ଅଭିମନ୍ୟୁ ବେହେରା, ଐତିହାସିକ ଓ ଗବେଷକ ଡ଼କ୍ଟର ଅଜୟ କୁମାର ପଣ୍ଡା, ରଙ୍ଗରାଗ ସାହିତ୍ୟ ପରିଷଦ ର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି, କବି ରତ୍ନାକର ପଣ୍ଡା ପ୍ରମୁଖ ଏହି ଦୁଇ ମେଧାବୀ ଛାତ୍ରୀ ଙ୍କୁ ତାଙ୍କର କୃତିତ୍ୱ ପାଇଁ ଶୁଭ ଅଭିନନ୍ଦନ ଜଣାଇଛନ୍ତି ।

ଡୁଙ୍ଗୁରା ଦର୍ଶନପ୍ରସାଦ ହାଇସ୍କୁଲର ବାର୍ଷିକୋତ୍ସବ

ଖଇରା, ୨୦/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ର ଅନ୍ୟତମ ପୁରାତନ ଡୁଙ୍ଗୁରା ଦର୍ଶନ ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟର ସାମ୍ବତ୍ସରିକ ଉତ୍ସବ ବୁଧବାର ଦିନ ସଭା ସମ୍ବର୍ଦ୍ଧନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନଶିକ୍ଷକ ମାୟାଧର ସାହୁଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିକ୍ଷା ପ୍ରଗତିର ମେରୁଦଣ୍ଡ । ରାଜ୍ୟ ସରକାର ମଧ୍ୟ ଶିକ୍ଷାଭିତ୍ତିଭୁମିକୁ ସୁଦୃଢ ପାଇଁ ରୁପାନ୍ତିକରଣ ପ୍ରକ୍ରିୟା ଜାରି ରଖିଛନ୍ତି । ଏଣୁ ଶିକ୍ଷାକୁ ଆନ୍ଦୋଳନ ରେ ପରିଣତ କରିବାକୁ ସମସ୍ତେ ଚେଷ୍ଟା କରିବାକୁ ଆହ୍ୱାନ ଦେଇଥିଲେ । ଅଧ୍ୟାପକ ଯୁଧିଷ୍ଠିର କୁଅଁର ମୁଖ୍ୟବକ୍ତା, ରିଜର୍ଭବ୍ୟାଙ୍କର ଅବସରପ୍ରାପ୍ତ ଏଜିଏମ ନରହରି ସାହୁ,ସରପଞ୍ଚ ପ୍ରକାଶ କୁମାର ଲେଙ୍କା,ସମିତିସଭ୍ୟା ପ୍ରତିନିଧି ଶିଶିର କୁମାର ସାମଲ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ମ୍ୟାଟ୍ରିକ ପରୀକ୍ଷାରେ ସବୋର୍ଚ୍ଚ ନମ୍ବର ରଖିଥିବା ପ୍ରକାଶ କୁମାର ସ୍ୱାଇଁ ଓ ଏଲିନା ପ୍ରିୟଦର୍ଶନୀ ପଣ୍ଡା ତଥା ଅନ୍ୟାନ୍ୟ ବିଷୟରେ ପାରଦର୍ଶିତା ଦେଖାଇଥିବା ପ୍ରତୀକ ବରାଳ, ଇତିଶ୍ରୀ ଦାସ, ପିୟୁସରାଜ ସାହୁ, ଜ୍ୟୋତିର୍ମୟ ବାରିକ, ସଙ୍ଗିତା ମହାନ୍ତି, ଦେବୀ ପ୍ରତିକ୍ଷା ଦାସ, ସିପ୍ରାଞ୍ଜଳୀ ପରିଡା, ସମୀକ୍ଷାସମନ୍ୱିତା ଶତପଥି, ଜଗନ୍ନାଥ ପୃଷ୍ଟି, ମାନସୀ ପ୍ରଧାନ, ହେମଲତା ପ୍ରଧାନ, ଦିପ୍ତିମୟୀ ବେହେରା, ବିଦୁଷ୍ମିତା ବେହେରା, ବିଜୟଲକ୍ଷ୍ମୀ ପଣ୍ଡା,ଆୟୁଷ ଶଙ୍କୁଆ, ପ୍ରତ୍ୟୁଷ ବରାଳ, ବିନାୟକ ଦାସ, ଶିବମ ପୃଷ୍ଟିଙ୍କୁ ବିଭିନ୍ନ ସ୍ମୃତି ସମ୍ମାନରେ ସମ୍ମାନୀତ କରାଯାଇଥିଲା । ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ନବମଶ୍ରେଣୀ ଛାତ୍ର ନିଖୋଜ

ନୀଳଗିରି , ୨୦/୧୨ (ନି.ପ୍ର): ଟିଉସନକୁ ଆସି ଫେରିନି ପୁଅ । ବ୍ୟସ୍ତ ବିବ୍ରତ ହୋଇ ପାଗେଳି ଭଳି ଖୋଜୁଛି ମା । ଶେଷରେ ପୁଅକୁ ନପାଇ ଥାନାର ଦ୍ୱାରସ୍ଥ ହୋଇଛି ମା ଗୀତାଞ୍ଜଳୀ । ସୂଚନା ଅନୁଯାୟୀ ନୀଳଗିରି ବ୍ଲକ ସିଆଡିମାଳ ପଞ୍ଚାୟତ ସିଆଡିମାଳ ଗ୍ରାମର ରଘୁନାଥ ସେଠୀ ଓ ଗୀତାଞ୍ଜଳି ସେଠୀଙ୍କ ୧୩ ବର୍ଷର ପୁଅ ଦିନେଶ ନୀଳଗିରି କୈଳାସ ଚନ୍ଦ୍ର ମାଧ୍ୟମିକ ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢନ୍ତି । ମଙ୍ଗଳବାର ୧୯ତାରିଖ ସକାଳ ୬.୩୦ସମୟରେ ସାଇକେଲ ନେଇ ଟିଉସନ ପଢ଼ିବା ପାଇଁ ନିକଟସ୍ଥ ଜଗନ୍ନାଥପୁର ଯାଇଥିଲେ । ମାତ୍ର ଦିନେଶ ନ ଆସିବାରୁ ଟିଉସନ ଶିକ୍ଷକ ଘରକୁ ଫୋନ୍ କରି ଜଣାଇଥିଲେ । ପୁଅ ସକାଳେ ଟିଉସନ ଯାଇଥିବା କଥା ମା ଶିକ୍ଷକଙ୍କୁ ଜଣାଇଥିଲେ । ତେବେ ସନ୍ଧ୍ୟା ପର୍ଯ୍ୟନ୍ତ ପୁଅ ନ ଫେରିବାରୁ ପରିବାର ଲୋକେ ବନ୍ଧୁ ବାନ୍ଧବ, ପୁଅର ସାଙ୍ଗ ଘରେ ଖୋଜାଖୋଜି କରିଥିଲେ । ଶେଷରେ ବାଧ ହୋଇ ୨୦ତାରିଖ ପୁଅ ନିଖୋଜ ନେଇ ମା ଗୀତାଞ୍ଜଳୀ ନୀଳଗିରି ଥାନାରେ ଲିଖିତ ଏତଲା ଦେଇଛନ୍ତି । ଦିନେଶ ଯିବାବେଳେ ଧଳା ରଙ୍ଗର ଟ୍ରାକସୁଟ ଏବଂ ଧୂସର ରଙ୍ଗର ସୁଇଟର ପିନ୍ଧିଥିବା ସୂଚନା ଦେଇଛନ୍ତି ।

ନୂଆ ଓଡିଶା କାର୍ଯ୍ୟକ୍ରମରେ ଯୌତୁକ ନିର୍ଯ୍ୟାତନା ସଚେତନତା

ନୀଳଗିରି , ୨୦/୧୨ (ନି.ପ୍ର): ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟ ଦ୍ୱାରା ନୂଆ ଓଡିଶା କାର୍ଯ୍ୟକ୍ରମରେ ଯୌତୁକପ୍ରଥା ବିରୋଧୀ ସଚେତନତା ଶିବିର ନୀଳଗିରି ଏନ. ଏ. ସି. ଅନ୍ତର୍ଗତ ଦୁଇ ନମ୍ବର ୱାର୍ଡ ଘାଟଘରସାହି ନିକଟ ଅଳେଇଚଣ୍ଡୀ ନିକଟରେ ଅନୁଷ୍ଠିତ ହୋଇଯାଇଛି ! ଉକ୍ତ ଶିବିରରେ ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ମଞ୍ଜୁଶ୍ରୀ ପଣ୍ଡା ପୌରୋହିତ୍ୟ କରିଥିବାବେଳେ ନାଟ୍ୟକାର ପ୍ରଦୀପ ମିଶ୍ର ମୁଖ୍ୟଅତିଥି, କାର୍ଯ୍ୟକ୍ରମ ସଂଯୋଜିକା ପ୍ରାଧାପିକା ମମତା ବରାଳ ମୁଖ୍ୟବକ୍ତା, ଅଧାପିକା ମଣିମାଳା ବିଶ୍ୱାଳ, ଅଧାପିକା ମମତା ପ୍ରିୟଦର୍ଶିନୀ ସାହୁ, ସହ ଅଧାପିକା ନିରୁପମା ନାୟକ, ସହ ଅଧାପିକା ପବିତ୍ରା ବେହୁରିଆ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ ! ପ୍ରାରମ୍ଭରେ ଛାତ୍ରୀ ସମୀକ୍ଷା ବାରିକ ଓ ରାଜଲକ୍ଷ୍ମୀ ଭୋଳଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିବାବେଳେ ନାଟ୍ୟକାର ପ୍ରଦୀପ ମିଶ୍ରଙ୍କ ନିର୍ଦ୍ଦେଶରେ ଏକ ପଥପ୍ରାନ୍ତ ନାଟକ ' ଯୌତୁକ କୁ ନା ' ଶୀର୍ଷକ ନାଟକ ଛାତ୍ରୀ ବର୍ଷାପ୍ରିୟଦର୍ଶିନୀ ସ, ପ୍ରିୟଙ୍କା ନାୟକ, ହାସ୍ୟସ୍ମିତା ମିଶ୍ର, ହେମଲତା ବେହେରା, ଦୀପାଞ୍ଜଳି ବାରିକ, ନିବେଦିତା ମହାପାତ୍ରଙ୍କ ଦ୍ୱାରା ପରିବେଷିତ ହୋଇଥିଲା ! ଏହି ଉତ୍ସବ ପ୍ରାରମ୍ଭରେ ଏକ ସଚେତନତା ରାଲି ମହାବିଦ୍ୟାଳୟରୁ ବାହାରି ଅଳେଇଚଣ୍ଡୀ ଠାକୁରାଣୀଙ୍କ ନିକଟରେ ପହଂଚିଥିଲେ ! ସେଠିକାର ଗ୍ରାମବାସୀ ମହାବିଦ୍ୟାଳୟ ଛାତ୍ରୀଙ୍କ ଏପରି କାର୍ଯ୍ୟକ୍ରମକୁ ଦେଖି ଭୂୟସୀ ପ୍ରଶଂସା କରିଥିଲେ ! ଏଥିରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀ ଯୋଗଦାନ କରିଥିବାବେଳେ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

କଣ୍ଟାପାଳ ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ

ବାରିପଦା , ୨୦/୧୨ (ନି.ପ୍ର): ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚବିଦ୍ୟାଳୟ , କଣ୍ଟାପାଳ ପରିସରରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମିତାଭ ମିଶ୍ର ଉତ୍ସବରେ ସଭାପତିତ୍ୱ କରିଥିବା ବେଳେ, ମୁଖ୍ୟ ଅତିଥି ଭାବରେ ବାରିପଦା ଉତ୍କଳମଣି ଗୋପବନ୍ଧୁ ଶିକ୍ଷକଶିକ୍ଷା ମହାବିଦ୍ୟାଳୟର ପ୍ରଫେସର ଡକ୍ଟର ସରୋଜ ନାୟକ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଭାବେ ଇଂ ସୌରଭ ତ୍ରିପାଠୀ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୂରସ୍କାର ବିତରଣ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅଜିତ କାଣ୍ଡିଙ୍କ ସମେତ ସମସ୍ତ ସଭ୍ୟ ସଭ୍ୟା ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସର ରେ ବିଦ୍ୟାଳୟରେ ଦୀର୍ଘ ଦିନ ସେବା କରିଥିବା ଶିକ୍